ସକାଳ
THE SAKALA



## ପୂର୍ବ ଶତ୍ରୁତାକୁ ନେଇ ହତ୍ୟା ସନ୍ଦେହ

**ପଡ଼ିଆ,୪।୨ (ସମିସ):** ମାଲକାନଗିରି ଜିଲ୍ଲା ପଡ଼ିଆ ଥାନା ଅଧୀନ ମୋଟମଗୁଡ଼ା ନିକଟ ପାଲାଗୁଡ଼ା ନିବାସୀ ସାଓଲାମି ଦେବା (୬୨)ଙ୍କୁ ହତ୍ୟା କରାଯାଇ ତାଙ୍କ ଜମିକୁ ଯିବା ରାସ୍ତାରେ ଲାଡି ନିକଟରେ ଫିଙ୍ଗା ହୋଇଥିବା ଦେଖିବାକୁ ମିଳିଛି। ଏ ନେଇ ମୃତ ସାଓଲାମି ଦେବାଙ୍କ ପୁଅ ସାଓଲାମି ଈଶ୍ୱର ପଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଶନିବାରଠାରୁ ହତ୍ୟା ହୋଇଥିବା ନେଇ ପରିବାର ବର୍ଗ ପ୍ରକାଶ କରିଥିବାବେଳେ ମୃତ ସାଓଲାମି ଦେବା ଘରକୁ ନ ଆସିଥିବା ଯୋଗୁଁ ପରିବାର ବର୍ଗ ବହୁତ ଖୋଜାଖୋଜି କରିଥିଲେ। ତଥାପି କୌଣସି ସନ୍ଧାନ ପାଇ ନ ଥିଲେ। କିନ୍ତୁ ରବିବାର ସକାଳେ ତାଙ୍କ ପୁତ୍ରବଧୂ ବୋଉ ଜଙ୍ଗଲକୁ କାଠ ଆଣିବାକୁ ଯିବା ରାସ୍ତାରେ ତାଙ୍କ ଶଶୁରଙ୍କ ମରଶରୀର ପଡ଼ିଥିବା ଦେଖି ପରିବାର ବର୍ଗଙ୍କୁ ଜଣାଇ ଥିଲେ। ଏନେଇ ତାଙ୍କ ପୁଅ ପଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜଣାପଡ଼ିଛି।

### ରେଳ ବିଭାଗର ଅଣଦେଖା

# ଦୁର୍ଦ୍ଦଶା ଭୋଗୁଛନ୍ତି ମୁନିଗୁଡ଼ାବାସୀ





**ମୁନିଗୁଡ଼ା,୪।୨(ସମିସ)**

ମୁନିଗୁଡ଼ା ଅଞ୍ଚଳବାସୀ ଓ ଅଞ୍ଚଳର ବିଭିନ୍ନ ସଂଗଠକ ବାରମ୍ବାର ଭୂତଳ ରାସ୍ତା ପାଇଁ ଦାବି କରି ଆସୁଥିଲେ ସୁଦ୍ଧା ରେଳ ବିଭାଗର ବୈମାତୃକ ମନୋଭାବ ମୁନିଗୁଡ଼ାବାସୀଙ୍କୁ ନିରାଶ କରିଛି। ଯେଉଁଥିପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ମୁନିଗୁଡ଼ାବାସୀ। ମୁନିଗୁଡ଼ାରୁ ରାୟଗଡ଼ା ସଂଯୋଗ ହୋଇଥିବା ମୁଖ୍ୟ ସଡ଼କ ଟିକରପଡ଼ା ନିକଟ ରେଳ ଫାଟକରେ ଭୂତଳ ରାସ୍ତାର ଅତି ଆବଶ୍ୟକ ରହିଥିବାବେଳେ ରେଳ ବିଭାଗ ଦ୍ୱାରା ଉକ୍ତ ଫାଟକ ନିକଟରେ ଭୂତଳ ରାସ୍ତା ନିର୍ମାଣ ନହେବା ମୁନିଗୁଡ଼ାବାସୀଙ୍କ ପ୍ରତି ରେଳ ବିଭାଗର ଆନ୍ତରିକତା ଅଭାବ ପରିଲକ୍ଷିତ ହେଉଛି।

ଉକ୍ତ ଫାଟକ ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଦୁଇ ଚକିଆ ଯାନଠାରୁ ଆରମ୍ଭ କରି ଚାରି ଚକିଆ ଓ ଭାରୀଯାନବାହନ ଯାତାୟାତ କରୁଛି। ରେଳ ଯିବା ଆସିବା କରିବାପାଇଁ ଅଧିକାଂଶ ସମୟ ଉକ୍ତ ଫାଟକ ବନ୍ଦ ରହୁଥିବାରୁ ରାଜରାସ୍ତାରେ ଘଣ୍ଟା ଘଣ୍ଟା ଧରି ଯାନବାହନଗୁଡ଼ିକ ଠିଆ ହୋଇ ରହୁଛି। ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ସହର ଏକ ବ୍ୟାବସାୟିକ ପେଣ୍ଠସ୍ଥଳୀ ହୋଇଥିବାବେଳେ ମୁନିଗୁଡ଼ା ସହର ସବୁବେଳେ ଚଳଚଞ୍ଚଳ ରହିବା ସହ ଲୋକଙ୍କ ଭିଡ଼ ଜମେ। ରାସ୍ତା ଉପରେ ଯାନବାହନଗୁଡ଼ିକ ଘଣ୍ଟା ଘଣ୍ଟା ଧରି ରହିବା ଓ ଲୋକଙ୍କ ଭିଡ଼ ଯୋଗୁଁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଯାହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷବ୍ୟକ୍ତ କରିବା ସହ ଆଗାମୀ ଦିନରେ ଆନ୍ଦୋଳନର ଦାନା ବାନ୍ଧୁଥିବା ଶୁଣିବାକୁ ମିଳୁଛି। ମୁନିଗୁଡ଼ା ଅଞ୍ଚଳବାସୀଙ୍କଠାରୁ ଆରମ୍ଭ କରି ପ୍ରତ୍ୟେକ ସଂଗଠନ ବାରମ୍ବାର ଲିଖିତ ଓ ମୌଖିକ ଅଭିଯୋଗ କରିବା ସତ୍ତ୍ୱେ ରେଳ ବିଭାଗ ଉକ୍ତ ସମସ୍ୟାର ସମାଧାନ ନକରି କାହିଁକି ଚୁପ୍ ବସିଛି ଏହାକୁ ନେଇ ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ। ଅନେକ ସମୟରେ ହଜାର ହଜାର ଲୋକେ ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି, ଏହାକୁ ନେଇ ଟ୍ରାଫିକ ସମସ୍ୟା ଉପୁଜୁଥିବାବେଳେ ସମୟ ସମୟରେ ଦୁର୍ଘଟଣାମାନ ଘଟିଥିବା ନଜିର ରହିଛି। ରେଳ ଫାଟକ ନିର୍ମାଣ ହେବା ପରଠାରୁ ଏପର୍ଯ୍ୟନ୍ତ ଯାତାୟାତରେ ବାଧକ ସୃଷ୍ଟି ହେଉଥିବାବେଳେ ଏକ ସ୍ଥାୟୀ ଭୂତଳ ରାସ୍ତା ନିର୍ମାଣ ପାଇଁ ମୁନିଗୁଡ଼ାବାସୀ ରେଳ ବିଭାଗକୁ ବାରମ୍ବାର ଅଭିଯୋଗ କରିଥିଲେ ବି ବିଭାଗ କର୍ଣ୍ଣପାତ କରୁ ନ ଥିବା ବୁଦ୍ଧିଜୀବୀ ମହଲରେ ବିସ୍ମୟ ପ୍ରକାଶ ପାଇଛି। ରେଳ ବିଭାଗ ନିଜର ସୁବିଧା ପାଇଁ ଜିଲ୍ଲା ପ୍ରଶାସନର ସହାୟତାରେ ରାସ୍ତା କଡ଼ରେ ଥିବା ବ୍ୟବସାୟୀମାନଙ୍କୁ କୌଣସି ସ୍ଥାୟୀ ବ୍ୟବସ୍ଥା ନକରି ସେମାନଙ୍କ ଦୋକାନ ଗୃହ ଉଚ୍ଛେଦ କଲା ହେଲେ ଆଜି ଭୂତଳ ରାସ୍ତା ନିର୍ମାଣ ପାଇଁ ଅନେକ ଥର ଜିଲ୍ଲା ପ୍ରଶାସନ ସହିତ ରେଳ ବିଭାଗକୁ ବାରମ୍ବାର ଗୁହାରି କରି ଆସୁଥିଲେ ସୁଦ୍ଧା ଲୋକଙ୍କ ସୁବିଧା ପାଇଁ ରେଳ ବିଭାଗ ସହିତ ଜିଲ୍ଲା ପ୍ରଶାସନ କାହିଁକି ଚୁପ୍ ବସିଛି ତାହା ମୁନିଗୁଡ଼ାବାସୀଙ୍କୁ ନିରାଶ କରୁଛି। ଜିଲ୍ଲା ପ୍ରଶାସନ ଓ ରେଳ ବିଭାଗକୁ ବାଦ୍ ଦେଲେ ବିଭିନ୍ନ ସମୟରେ ସ୍ଥାନୀୟ ନେତା ମନ୍ତ୍ରୀମାନଙ୍କୁ ମଧ୍ୟ ମୁନିଗୁଡ଼ାବାସୀ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଛନ୍ତି ହେଲେ ଫଳ ଶୂନ। ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ନେତାମାନେ ମଧ୍ୟ ଲୋକଙ୍କ ମଧ୍ୟରେ ଲୋକପ୍ରିୟତା ବାଜାଇ ରଖିବା ପାଇଁ ବିଭିନ୍ନ ପ୍ରକାରର ଛଳନା କରୁଥିବା ମୁନିଗୁଡ଼ା ସହରରେ ଚର୍ଚ୍ଚା ଚାଲିଛି। ଯାହାକୁ ନେଇ ଲୋକ ପ୍ରତିନିଧିମାନଙ୍କ ଅକ୍ଷମତା ପ୍ରକାଶ ପାଉଛି। ଏଣୁ ମୁନିଗୁଡ଼ାରୁ ରାୟଗଡ଼ା ସଂଯୋଗ କରୁଥିବା ଟିକରପଡ଼ା ନିକଟ ରେଳ ଫାଟକଠାରେ ଯଥାଶୀଘ୍ର ଭୂତଳ ରାସ୍ତା ନିର୍ମାଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଯୁଦ୍ଧକାଳୀନ ଭିତିରେ ଭୂତଳ ରାସ୍ତା ନିର୍ମାଣ କରା ନ ଗଲେ ଅଳ୍ପ ଦିନ ମଧ୍ୟରେ ମୁନିଗୁଡ଼ା କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିବାବେଳେ ଅଞ୍ଚଳବାସୀଙ୍କ ସହ ବହୁ ସଂଗଠନ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚର୍ଚ୍ଚା ହେଉଛି।

**● ଭୂତଳ ରାସ୍ତା ପାଇଁ ଦାବି; ଆନ୍ଦୋଳନ ଚେତାବନୀ**

## ଜୁଆ ଆଡ୍ଡାରେ ଚଢ଼ଉ; ୨୮ ବାଇକ୍ ଓ ୮୦ ହଜାର ଟଙ୍କା ଜବତ

**ଜେକେପୁର,୪।୨(ସମିସ):** ଚାନ୍ଦିଲି ଥାନା ପକ୍ଷରୁ ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ କ୍ୟାମ୍ପ ମାଲିଗାଁ ପଞ୍ଚାୟତର କ୍ୟାମ୍ପ ମାଲିଗାଁ ନିକଟରେ ଏକ ଜୁଆଆଡ୍ଡା ଉପରେ ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରାଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉବେଳେ ୨୮ଟି ବାଇକ୍ ସହ ନଗଦ ୮୦ ହଜାର ୨୬୦ ଟଙ୍କା ଜବତ ହୋଇଥିବା ଜଣାପଡ଼ିଛି। ଚଢ଼ଉବେଳେ ଅନେକ ଜୁଆ ଖେଳାଳି ବାଇକ୍ ଛାଡ଼ି ଦୌଡ଼ି ପଳାଇଥିବାବେଳେ ପୁଲିସ ୫ ଜଣ ଜୁଆଡ଼ିଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ସେମାନେ ହେଲେ ଏନ୍ ଗୌରୀ, ନଗେନ ସାମନ୍ତରାୟ, ଏମ୍ ତ୍ରିନାଥ, ଉମାଶଙ୍କର କୌଶଲ୍ୟା, ବି. ଗୌର। କେବଳ ମାଲିଗାଁ କାହିଁକି ଅନ୍ୟାନ୍ୟ ଗ୍ରାମରେ ମଧ୍ୟ ଜୁଆଆଡ୍ଡା ଚାଲିଥିବାର ଖବର ଅଛି। ରାୟଗଡ଼ା ଜିଲ୍ଲାରେ ନୂଆ ପୁଲିସ ଏସପିଙ୍କ ଯୋଗଦାନ ପରେ ଚାନ୍ଦିଲ ଥାନା ପକ୍ଷରୁ ଏହା ଏକ ବଡ଼ ଧରଣର ଚଢ଼ଉ। ଏହି ଚଢ଼ଉରେ ଏସଆଇ ଆଶୁତୋଷ ସାହୁ, ଏଏସଆଇ ଶିବରାମ ସାହୁ, ପିତାମ୍ବର ଭାତ୍ରା, ପୁଲିସ୍ କନଷ୍ଟେବଳ ଗୌରୀ ଶଙ୍କର ସାହୁ, ନିମାଳି ରାମା ପ୍ରମୁଖ ସହଯୋଗ କରିଥିଲେ। ଚାନ୍ଦିଲି ଥାନା ଅଞ୍ଚଳରେ ଏପରି ଅନେକ ଜୁଆଆଡ୍ଡା ଚାଲିଥିବାବେଳେ ପୁଲିସ ପ୍ରଶାସନ ଏହାକୁ ରୋକିବାରେ କେତେଦୂର ସକ୍ଷମ ହେଉଛି ତାହା ଦେଖିବାକୁ ବାକି ରହିଲା। ଚନ୍ଦିଲି ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।



## ଜିଲ୍ଲା ଇପିଏଫ୍ ପେନ୍‌ସନର୍ସ ସଂଘର ବୈଠକ ଓ କର୍ମକର୍ତ୍ତା ଚୟନ




**ଜୟପୁର,୪।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଯାଦବ ଭବନଠାରେ କୋରାପୁଟ ଜିଲ୍ଲା ଶାଖା ଇପିଏଫ ପେନସନର୍ସ ସଂଘର ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଶ୍ରମିକ ନେତା ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି ସଂଗଠନର କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ସହ ଇପିଏସ୍-୯୫ ଅଧୀନସ୍ଥ ସମସ୍ତଙ୍କୁ ସର୍ବନିମ୍ନ ମାସିକ ୯ହଜାର ୫ଶହ ଟଙ୍କା ମାସିକ ପେନସନ ଦେବା ସହ ସୁପ୍ରିମକୋର୍ଟ ନିର୍ଦ୍ଦେଶିତ ବର୍ଦ୍ଧିତ ପେନସନ ଲାଗୁ କରିବା ପାଇଁ ଆନ୍ଦୋଳନ ଜାରୀ ରହିବ ବୋଲି ବୈଠକରେ କହିଥିଲେ। ସଂଘର ସଭାପତି ନଳିନୀ ରଥ ସେବା କାଗଜକଳର ଶ୍ରମିକମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଟଙ୍କା କୋଲକାତାରୁ ବ୍ରହ୍ମପୁର ଆଞ୍ଚଳିକ ଅଫିସକୁ ସ୍ଥାନାନ୍ତର ପାଇଁ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା ଓ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଏବଂ ସିବିଟି ସଭ୍ୟ ସୁକୁମାର ଡାମଲେଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜୟପୁରଠାରେ ଇପିଏଫର ଏକ ଶାଖା କାର୍ଯ୍ୟାଳୟ ଖୋଲିବାକୁ ଦାବି କରାଯାଇଥିଲା। ବୈଠକ ଶେଷରେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ଏଥିରେ ସମସ୍ତ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ସଭାପତି ଭାବେ ନଳିନୀ ରଥ, କାର୍ଯ୍ୟକାରୀ ସଭାପତି ଉମାକାନ୍ତ ରଥ, ଉପସଭାପତି ପି.ରାମବାବୁ ଓ ମୁଦିରଥ ହୋତା, ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି, ସଂଗଠନ ସମ୍ପାଦକ ନାରାୟଣ ଦାଶ, ଯୁଗ୍ମ ସମ୍ପାଦକ ଏମ୍.ଏନ୍. ରାଓ, କୋଷାଧ୍ୟକ୍ଷ ଦୁର୍ଗାଶଙ୍କର ଦାଶ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ଭୁବନେଶ୍ୱର ସାହୁ, ପୀତବାସ ମିଶ୍ର, ବୈଜୟନ୍ତୀ ପଣ୍ଡା, ହରି ମିଶ୍ର, କିଶୋର ଚନ୍ଦ୍ର ପଣ୍ଡା ପ୍ରମୁଖ ରହିଛନ୍ତି। ଉପଦେଷ୍ଟା ଭାବେ ରମେଶ ପାତ୍ର, ବି.କେ.ମହରଥୀ, ବି .ଏନ୍. ଜାଲି ଓ ଯୁଧିଷ୍ଠିର ରାଉଳ ଏବଂ ଗଣମାଧ୍ୟମ ଉପଦେଷ୍ଟା ଭାବେ ପବନ କୁମାର ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି।

## ଉମରକୋଟ ବଜାରରେ ରସୁଣ ଦର ଆକାଶଛୁଆଁ

**ଉମରକୋଟ,୪।୨(ସମିସ):** ରୋଷେଇ ଶାଳର ଅତ୍ୟାବଶ୍ୟକ ସାମଗ୍ରୀ ରସୁଣ ଦର ଏବେ ଉମରକୋଟଠାରେ ଆକାଶଛୁଆଁ ହୋଇଥିବାରୁ ଏବେ ଖାଉଟିଙ୍କୁ କନ୍ଦାଉଛି ରସୁଣ ଦର। ସାଧାରଣ ସମୟରେ ରସୁଣ ଦର ୧୫୦ରୁ ୨୦୦ ଭିତରେ ରହୁଥିବାବେଳେ ଏବେ ରସୁଣ ଦର ୨ ଗୁଣରୁ ଅଧିକ ବୃଦ୍ଧି ହୋଇଛି। ଏବେ ବିବାହ ସମୟ ଚାଲିଥିବାବେଳେ ଭୋଜିଭାତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭାବେ ବାହାରୁ ମଗାଯାଉଛି। ରସୁଣ ଆକାଶଛୁଆଁ ଦର ଯୋଗୁଁ ବେପାରୀମାନେ ରସୁଣ ଆଣିବାକୁ ସାହସ କରିପାରୁ ନାହାନ୍ତି।



ବେପାରୀମାନେ ରସୁଣ ଆଣିବା ପରେ ବିକ୍ରି ନହେଲେ ଓଜନ କମିଯିବା କିମ୍ବା ନଷ୍ଟ ହୋଇଯିବା ଆଶଙ୍କା ରହିଥିବାରୁ ରସୁଣ ଆଣୁ ନଥିବା ବେପାରୀମାନେ କହିଛନ୍ତି। ଦୁଇ ସପ୍ତାହ ତଳେ ରସୁଣ କିଲୋ ପିଛା ୧୫୦ରୁ ୨୦୦ ଟଙ୍କାରେ ବିକ୍ରି କରିଥିଲେ ଚାଷୀ। ତେଣୁ ରସୁଣର ଦର ଅଚାନକ ବୃଦ୍ଧି ପଛରେ କଳାବଜାରୀଙ୍କ ହାତ ଥିବା ଅନୁମାନ କରାଯାଉଛି। ବଜାରରେ ରସୁଣର ଆବଶ୍ୟକତା ପୂରଣ କରିବାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିବାରୁ ଦର ବଢ଼ିଯାଇଥିବା ମତ ପ୍ରକାଶ ପାଇଛି। ସେପଟେ ନୂଆ ରସୁଣ ଅମଳ ହୋଇ ବଜାରକୁ ଆସିଲେ ଦର ସ୍ୱାଭାବିକ ହେବ ବୋଲି କହିଛନ୍ତି ବ୍ୟବସାୟୀ।

## ଅଜଣା ଜନ୍ତୁ ଆକ୍ରମଣରେ ୫ ମେଣ୍ଢା ମୃତ, ୩ ଆହତ



**କଲ୍ୟାଣସିଂହପୁର,୪।୨(ସମିସ)**

ଶନିବାର ବିଳମ୍ବିତ ରାତିରେ ଏକ ଅଜଣା ଜନ୍ତୁ ୫ଟି ମେଣ୍ଢାଙ୍କୁ ମାରିଦେବା ସହ ୩ଟିକୁ ଆଘାତ କରି ଚାଲିଯାଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସୁନାଖଣ୍ଡି ପଞ୍ଚାୟତର ନନ୍ଦିନି ଗାଁରେ। ନନ୍ଦିନି ଗାଁର ଦୀନବନ୍ଧୁ କାଡ୍ରକା ମେଣ୍ଢା ପାଳନ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ବର୍ତ୍ତମାନ ମେଣ୍ଢାକୁ ଅଜଣା ଜନ୍ତୁର ଶିକାର ହୋଇ ମରିଯାଇଥିବାରୁ ସେ ପରିବାରକୁ କିପରି ଭରଣପୋଷଣ କରିବେ ଦୁଃଖରେ ଭାଙ୍ଗିପଡ଼ିଛି। ବିଗତ ମାସରେ ୨୫ଟି ମେଣ୍ଢାରୁ ୧୦ଟିକୁ ଶିକାର କରିଥିଲା ଅଜଣା ଜନ୍ତୁ। ବହୁଦିନ ପରେ ପୁଣି ଶନିବାର ରାତିରେ ଗଙ୍ଗାଧର କାଡ୍ରକାଙ୍କ ୫ଟି ମେଣ୍ଢାଙ୍କୁ ମାରିଦେବା ସହ ୩ଟିକୁ ଆକ୍ରମଣ କରି ଛାଡ଼ିଦେଇଥିଲା। ଏହା ଦେଖି ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଭୟଭୀତ ହୋଇ ବନ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗ, ବନପାଳ ପ୍ରଦୀପ କୁମାର ଜେନା, ବନରକ୍ଷୀ ସୂର୍ଯ୍ୟ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ପରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରିଥିଲେ। ହେଟାବାଘ ମାରିଥିବା ସନ୍ଦେହ କରିବା ସହ ରାତିରେ ପାଟ୍ରୋଲିଂ କରି ଜନ୍ତୁକୁ ଠାବ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗ ସୂଚନା ଦେଇଛନ୍ତି।

## ୟୁଜିଏମ୍‌ଆଇଟିରେ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ

**ରାୟଗଡ଼ା,୪।୨(ସମିସ):** ଓଡ଼ିଆ ଜାତି ଓ ସ୍ୱାଭିମାନର ପ୍ରତୀକ ପ୍ରଗତି ପୁରୁଷ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୦ତମ ଶ୍ରାଦ୍ଧବାର୍ଷିକୀ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଶିକ୍ଷାନୁଷ୍ଠାନ ପରିସରରେ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷ ନାରାୟଣ ପଟେଲ, ଜିଲ୍ଲା ଶିଳ୍ପ କେନ୍ଦ୍ର, ଶିଳ୍ପ ବିକାଶ ଅଧିକାରୀ ତଥା ପୂର୍ବତନ ଛାତ୍ର ସବ୍ୟସାଚୀ ସାହୁ ଏବଂ ଅନୁଷ୍ଠାନରେ ଉପସ୍ଥିତ ଅଧ୍ୟାପକଅଧ୍ୟାପିକା ବୃନ୍ଦ ଏବଂ ସମସ୍ତ କର୍ମଚାରୀ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ପ୍ରସଙ୍ଗରେ ଅଧ୍ୟକ୍ଷ ପଟେଲ, ପୂର୍ବତନ ଛାତ୍ର ଶ୍ରୀ ସାହୁ ଏବଂ ଅଧ୍ୟାପକ ସ୍ୱର୍ଗତ ମଧୁସୂଦନ ଦାସଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମିତ୍ତ ମହାନ ତ୍ୟାଗ ଓ ବଳିଦାନର ବଳିଷ୍ଠ କାହାଣୀ ସମ୍ବନ୍ଧରେ ସ୍ମୃତିଚାରଣ କରିଥିଲେ।



# ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ



**ସେମିଳିଗୁଡ଼ା,୪।୨(ସମିସ)**

କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସ୍ଥିତ ସତ୍ୟ ନଗର ଯଜ୍ଞସ୍ଥଳରେ ଦୀର୍ଘ ଚାରିଦିନ ଧରି ଅନୁଷ୍ଠିତ ହେଉଥିବା ଗାୟତ୍ରୀ ମହାଯଜ୍ଞର ପୂର୍ଣ୍ଣାହୁତି ସରି ରବିବାର ଉଦଯାପିତ ହୋଇଛି। ସତ୍ୟ ନଗରଠାରେ ଗାୟତ୍ରୀ ପରିବାର ଓ ସେମିଳିଗୁଡ଼ାର ଜନସାଧାରଣଙ୍କ ସହଯୋଗରେ ଚତୁର୍ଦ୍ଦିବସୀୟ ଗାୟତ୍ରୀ ମହାଯଜ୍ଞ ଉଦଯାପିତ ହୋଇଛି। ତୃତୀୟ ଦିନ ଅର୍ଥାତ୍ ଶନିବାର ରାତିରେ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହରିଦ୍ୱାରର ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ଚିନ୍ମୟ ପଣ୍ଡା ପ୍ରବଚନ ପ୍ରଦାନ କରି ଯଜ୍ଞ କମିଟିର କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରଥିଲେ। ପଟାଙ୍ଗି ନିର୍ବାଚନମଣ୍ଡଳୀର ବିଧାୟକ ପୀତମ ପାଢ଼ି,

ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର, ଡ. ଚିତ୍ତରଞ୍ଜନ ମିଶ୍ର ଓ ସ୍ନିଗ୍ଧାରାଣୀ ମିଶ୍ରଙ୍କୁ ଗାୟତ୍ରୀମାତାଙ୍କ ଫଟୋଚିତ୍ର ଓ ଗଙ୍ଗାଜଳ ଉପହାର ଦେଇଥିଲେ। ପରେ ଦୀପ ଯଜ୍ଞ ଆୟୋଜନ ହୋଇ ୨୪୦୦୦ ଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ଡ. ଚିନ୍ମୟ ପାଣ୍ଡାଙ୍କ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ଭକ୍ତ ଏଥିରେ ଯୋଗଦେଇଥିଲେ।

ଚତୁର୍ଥ ଯଜ୍ଞ ପୂର୍ଣ୍ଣାହୁତି ତଥା ଯଜ୍ଞ ଶେଷରେ ଗାୟତ୍ରୀ ପରିବାର ତରଫରୁ ଶଙ୍କର ପାତ୍ର, ପ୍ରଦୀପ ପାତ୍ର, ଡ. ଚିତ୍ତରଞ୍ଜନ ମିଶ୍ର, ମନୋରଞ୍ଜନ ବେହେରା, ଅମିତ ଅଗ୍ରୱାଲ, ଆନନ୍ଦ ପାଟୱାନିଆ, ଗଣେଷ ପାଣିଗ୍ରାହୀ, ସ୍ନିଗ୍ଧାରାଣୀ ମିଶ୍ର, ରାଜେନ୍ଦ୍ର ପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟନଗର ବିକାଶ ପରିଷଦ ତରଫରୁ ଗାୟତ୍ରୀ ପରିବାରର କର୍ମକର୍ତ୍ତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଗାୟତ୍ରୀ ପରିବାରର ବିଚିତ୍ରାନନ୍ଦ ଧଳ, ବାସୁଦେବ ସାହୁ, ବାଲ୍ମିକୀ ପ୍ରଧାନ, ବଳଦେବ ମଲ୍ଲିକ, ରଜତ ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ ଥାଉ କି, ପ୍ରଥମ ଦିନ ୧୦୦୮ ମଙ୍ଗଳ କଳସ ଶୋଭାଯାତ୍ରାରୁ ମହାଯଜ୍ଞର ଶୁଭାରମ୍ଭ ହୋଇଥିଲା। ଦୁଇ ଦିନ ସାମୂହିକ ଜପ୍, ଧ୍ୟାନ, ଯୋଗ, ସାମୂହିକ ବିବାହ ସଂସ୍କାର, ବ୍ରତ, ନାମକରଣ, ମୁଣ୍ଡନ, ବିଦ୍ୟାରମ୍ଭ ସେହିପରି ତୃତୀୟ ଦିନ ଏହିସବୁ ବିଭିନ୍ନ ସଂସ୍କାର ସହ ଦେବଦମ୍ପତି ସମ୍ମିଳନୀ, ୨୪ ହଜାରର ବିରାଟ ଦୀପ ଯଜ୍ଞର ବ୍ୟବସ୍ଥା କରାଯାଇଥିଲା। ରବିବାର ପୂର୍ଣ୍ଣାହୁତି କରାଯାଇ ହରିଦ୍ୱାର ଶାନ୍ତିକୁଞ୍ଜରୁ ଆସିଥିବା ସନ୍ଥମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି।

ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ଅବସରରେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଲଡୁକିଶୋର ସ୍ୱାଇଁ
ପୂର୍ବତନ ସାଂସଦ, ଆସ୍କା
ଆବିର୍ଭାବ : ୦୮.୦୭.୧୯୪୭, ତିରୋଧାନ : ୦୫.୦୨.୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ନିବେଦନ।
ଶୋକସନ୍ତପ୍ତ:
ପୁଅ: ନଚିକେତା, ଅଶ୍ୱିନୀ, ମମତା,
ବୋହୂ, ନାତିନାତୁଣୀ ଓ ପରିବାରବର୍ଗ

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ମଞ୍ଜୁଲତା ଦାଶ
ଆବିର୍ଭାବ: ୧୦.୦୮.୧୯୭୪
ତିରୋଧାନ: ୨୭.୦୧.୨୦୨୨
କଖାରୁପନ୍ନା, ଶୁକ୍ଳି, ମୟୂରଭଞ୍ଜ
ତୁମର ଅନାବିଳ ଆତ୍ମାର ସଦଗତି ନିମନ୍ତେ ଶ୍ରୀ ଜଗନ୍ନାଥ ଏବଂ ମା କିଚକେଶ୍ୱରୀଙ୍କ ନିକଟରେ ଆମର ପ୍ରାର୍ଥନା
ଶୋକସନ୍ତପ୍ତ :
ସ୍ୱାମୀ - ପଦ୍ମଲୋଚନ ଦାଶ , ପୁତ୍ର-ଦିପଙ୍କର, କନ୍ୟା-ଭାଗ୍ୟ, ଭ୍ରାଇଁ-ପପୁ , ସାନ ଭ୍ରାଇଁ - ଦିପୁ, ନାତୁଣୀ- ଶିବାନୀ ଓ ସୃଷ୍ଟି



# ଟେମାରିଗଡ଼ା ବିଦ୍ୟାଳୟରେ ଦୁଇ ଶିକ୍ଷକଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ





**କାକିରିଗୁମ୍ମା,୪।୨(ସମିସ)**

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ପଞ୍ଚଡ଼ା ପଞ୍ଚାୟତର ଟେମାରିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତ ହୋଇଥିବା ୩ ଜଣ ଶିକ୍ଷକଙ୍କ ମଧ୍ୟରୁ ଦୁଇ ଜଣ ଅନୁପସ୍ଥିତ ରହୁଥିବା ନେଇ ଅଭିଯୋଗ ହୋଇଛି। ଯାହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟରେ ଏନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ରବିବାର ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) କୈଳାଶ ଚନ୍ଦ୍ର ବେହେରା ବିଦ୍ୟାଳୟ ଯାଇ ଯାଞ୍ଚ କରିଛନ୍ତି। ଏଥିସହ ସ୍ୱତନ୍ତ୍ର କମିଟିର ଘଟଣାର ଅଧିକ ତଦନ୍ତ କରାଯିବା ପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ କହିଛନ୍ତି।

➤ ବିନା ଦରଖାସ୍ତରେ ଛୁଟିରେ ରହୁଥିବା ଅଭିଯୋଗ
➤ ଅଭିଯୋଗ ପରେ ତଦନ୍ତ କଲେ ବିଇଓ

ସୂଚନାଯୋଗ୍ୟ, ଟେମାରିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ୨୩ ଜଣ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ୩ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି। କିନ୍ତୁ ବିଦ୍ୟାଳୟରେ ମାତ୍ର ଜଣେ ଶିକ୍ଷକ ଉପସ୍ଥିତ ଥିବାବେଳେ ଅନ୍ୟ ଦୁଇଜଣ ଶିକ୍ଷକଶିକ୍ଷୟିତ୍ରୀ ବିନା ଦରଖାସ୍ତରେ ବିଦ୍ୟାଳୟକୁ ନ ଆସି ଛୁଟିରେ ରହୁଥିବା ଅଭିଯୋଗ ହୋଇଛି। ଏପରିକି ଶିକ୍ଷକ ଉପସ୍ଥାନ ଖାତାରେ ଅନୁପସ୍ଥିତ ଥିବା ଦୁଇ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କ ଛୁଟି ପଡୁ ନଥିବାବେଳେ ଦରଖାସ୍ତରେ ନିର୍ଦ୍ଦିଷ୍ଟ ତାରିଖ ପଡୁନଥିବା ଅଭିଭାବକ ଅଭିଯୋଗ କରିଛନ୍ତି। କିଛି ଅଭିଭାବକ ଏନେଇ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ରବିବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଲକ୍ଷ୍ମୀପୁର ବ୍ଲକ୍ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ବେହେରା ବିଦ୍ୟାଳୟକୁ ଯାଇ ଯାଞ୍ଚ କରିଥିଲେ।

# ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ; ଦୁଇ ମାଓବାଦୀ ନିହତ



**ମାଲକାନଗିରି,୪।୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲ୍ଲାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟି ଦୁଇ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ଛତିଶଗଡ଼ ନାରାୟଣପୁର ଜିଲ୍ଲାର ଅବବୁଜମାଡ଼ ଜଙ୍ଗଲରେ ସୁରକ୍ଷା କର୍ମୀମାନେ କୁମ୍ବିଂ ଅପରେସନ କରୁଥିବା ସମୟରେ ଓରଧା ଥାନା ଅଞ୍ଚଳ ଗୋମାଗାଲ ଜଙ୍ଗଲରେ ତେଲନାର ଏରିଆ କମିଟି ସଚିବ ଅରବ ଓରଫ କମଲେଶ, ଏଲ୍‌ଓଏସ୍ କମାଣ୍ଡର ସୋମୁଡୁ, ସ୍ୱପ୍ନା, ସୋନୁଙ୍କ ସହ ଆଉ କେତେ ମାଓବାଦୀଙ୍କ ଉପସ୍ଥିତି ସମ୍ବନ୍ଧରେ ଖବର ପାଇ ଉକ୍ତ ଜଙ୍ଗଲରେ କୁମ୍ବିଂ ଅପରେସନ ଆରମ୍ଭ କରିଥିଲେ। ତେବେ ଯବାନମାନେ ଆସୁଥିବା ଜାଣି ମାଓବାଦୀମାନେ ପ୍ରଥମେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ପାଲଟା ଜବାବରେ ଯବାନମାନେ ମଧ୍ୟ ଆକ୍ରମଣ କରିବାରୁ ଜଙ୍ଗଲ ମଧ୍ୟରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ଅପରେସନ କରିବା ସମୟରେ ଜଙ୍ଗଲରୁ ଦୁଇଜଣ ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ। ଏଥିସହ ଦୁଇଟି ବନ୍ଧୁକ, ୧୨ ରାଉଣ୍ଡ ଅଫୁଟା ଗୁଳି ସହ ବିଭିନ୍ନ ମାଓ ସାମଗ୍ରୀ ଜବତ କରିଛନ୍ତି। ତେବେ ପ୍ରାଣ ହରାଇଥିବା ଦୁଇ ମାଓବାଦୀଙ୍କ ଠିକଣା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନ ଥିବା ପୁଲିସ ସୂତ୍ରରୁ ପ୍ରକାଶ।

# ବିଏସ୍‌ଏଫ୍ ତରଫରୁ ଆଦିବାସୀ ଯୁବପିଢ଼ିଙ୍କ ମହୀଶୂର ଯାତ୍ରା

**ମାଲକାନଗିରି,୪।୨(ସମିସ):** ମାଲକାନଗିରି ଜିଲ୍ଲା ବିଏସ୍‌ଏଫ୍ ତରଫରୁ ଆଦିବାସୀ ଯୁବକଯୁବତୀମାନେ କର୍ଣ୍ଣାଟକ ରାଜ୍ୟର ମହୀଶୂର ଗସ୍ତ କରିଛନ୍ତି। ବିଏସ୍‌ଏଫ୍ କମାଣ୍ଡାଣ୍ଟ ସିବ ଓମ୍ ଏହି କାର୍ଯ୍ୟକ୍ରମକୁ ପତାକା ଦେଖାଇ ଆରମ୍ଭ କରିଥିବାବେଳେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ ତୁଳସୀ, ଲୁଲେର, ଟେମ୍ବୁରୁପାଲ୍ଲୀ, କସ୍ରାଭଟା, ଦଳପତିଗୁଡ଼ା, ପୂଜାରୀଗୁଡ଼ା, ମୁଣ୍ଡାଗୁଡ଼ା, ସଂଗୁମ୍, କପ୍ରା, ତାଳପଦର, ନୂଆଗୁଡ଼ା ସାଲିମି ପ୍ରଭୃତି ଅଞ୍ଚଳର ମୋଟ ୨୦ ଜଣ ଯୁବକଯୁବତୀଙ୍କୁ ଅହମ୍ମଦାବାଦକୁ ପଠାଇଛନ୍ତି। ଏହି ଯୁବପିଢ଼ି ଆସନ୍ତା ୬ରୁ ୧୨ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକ ରାଜ୍ୟ ମହୀଶୂରର ବିଭିନ୍ନ ପର୍ଯ୍ୟଟନସ୍ଥଳ ଭ୍ରମଣ କରିବା ସହ ସେଠାକାର ରାଜନେତା, ବିଭିନ୍ନ ମନ୍ତ୍ରୀ, ସିନେ ତାରକା, ଟିଭି ତାରକା, ପୌରାଣିକ ସ୍ଥଳ ଇତ୍ୟାଦି ଭ୍ରମଣ କରିବେ। ଏହି କାର୍ଯ୍ୟକ୍ରମରେ ବିଏସ୍‌ଏଫ୍ ଦ୍ୱିତୀୟ ବାଟାଲିୟନ କମାଣ୍ଡାଣ୍ଟ ବରୁଣେନ୍ଦ୍ର ପ୍ରଦୀପ ସିଂ, ଡେପୁଟି କମାଣ୍ଡାଣ୍ଟ ଶୁଭଞ୍ଜନ ମହାପାତ୍ର, ନେହେରୁ ଯୁବ ସଂଘର ଜିଲ୍ଲା ଅଧିକାରୀ ହରିଶ ରୁପାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହାଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ଯୁବପିଢ଼ି ଜ୍ଞାନ ଶକ୍ତି ବଢ଼ିବା ସହ ଦେଶର ବହୁ ପୌରାଣିକ ଓ ପର୍ଯ୍ୟଟନସ୍ଥଳୀ ଭ୍ରମଣ କରି ଦେଖିପାରିବେ ଏବଂ ଏହାଦ୍ୱାରା ଦେଶରେ କେତେ ପ୍ରକାର ସାଂସ୍କୃତିକ ଦୃଶ୍ୟଗୁଡ଼ିକ ଅଛି ତାହାର ଜ୍ଞାନ ଆହରଣ କରିପାରିବେ ବୋଲି ଉପସ୍ଥିତ ଅଧିକାରୀମାନେ ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଆହୁରି ବହୁ ଯୁବପିଢ଼ିଙ୍କୁ ଦେଶର ବିଭିନ୍ନ ସ୍ଥାନକୁ ଭ୍ରମଣ ନିମନ୍ତେ ପଠାଇବାର କାର୍ଯ୍ୟକ୍ରମ ରହିଛି ବୋଲି କହିଥିଲେ।




# ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ପାଳିତ

**ଡାବୁଗାଁ,୪।୨(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ସଦର ମହକୁମା ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ସତସଙ୍ଗ ବିହାର ପରିସରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ମହାସମାରୋହରେ ରବିବାର ପାଳିତ ହୋଇଯାଇଛି। ସତସଙ୍ଗ ପୂର୍ବରୁ ଦିନ ୯ଟାରୁ ଡାବୁଗାଁ ସହରରେ ଠାକୁରଙ୍କ ଫଟୋଚିତ୍ର ଥିବା ରଥରେ ସଜ୍ଜିତ କରି ନଗର ସଂକୀର୍ତ୍ତନ କରି ସହର ପରିକ୍ରମା କରାଯାଇଥିଲା। ନବରଙ୍ଗପୁର ଜିଲ୍ଲାର ସହ ପ୍ରତିରତ୍ୱିକ ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା କୁଆଖିଆର ସହ ପ୍ରତିରତ୍ୱିକ କୃଷ୍ଣ ଚନ୍ଦ୍ର କର, ସହ ପ୍ରତିରତ୍ୱିକ କମଳାକାନ୍ତ ସାହୁ, ଯାଜକ ଗିରିଧାରୀ ସାହୁ, ଗୋପିନାଥ ବେହେରା, ବିବେକାନନ୍ଦ ବାରିକ, ପଙ୍କଜ ମହାନ୍ତି, ମଦନ ପାତ୍ର ଓ ନବରଙ୍ଗପୁର ଜିଲ୍ଲାରୁ ବହୁ ପବିତ୍ର ପାଞ୍ଜାଧାରୀ କର୍ମୀ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ନବରଙ୍ଗପୁର ଜିଲ୍ଲାର କୋଣ ଅନୁକୋଣରୁ ଗୁରୁମା' ଓ ଗୁରୁଭାଇମାନେ ଉପସ୍ଥିତ ଥିଲେ। ସତସଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହୋଇ ପ୍ରାତଃ ବିନତି, ପ୍ରାତଃ ଓ ସନ୍ଧ୍ୟାକାଳୀନ ବିନତି, ସଦଗୁରୁ ବନ୍ଦନା, ଧ୍ୟାନ, ପବିତ୍ର ସତ୍ୟାନୁସରଣ ଗ୍ରନ୍ଥ ପାଠ ପରେ ଠାକୁରଙ୍କ ଭଜନ କୀର୍ତ୍ତନର ଆସର ଜମି ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଇଷ୍ଟ ପ୍ରାଣ ଗୁରୁଭାଇ ଙ୍କ ଅଂଶୁ ପ୍ରକାଶ ରାଉତଙ୍କ ମନଛୁଆଁ ଭଜନ କୋରସ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଆପ୍ୟାୟିତ କରିଥିଲେ। ମୁଖ୍ୟବକ୍ତାଙ୍କ ଓଜସ୍ୱିନୀ ଭାଷଣରେ ସମସ୍ତ ଶ୍ରଦ୍ଧାଳୁ ଭକ୍ତ ବୃନ୍ଦ ମନ୍ତ୍ରମୁଗ୍ଧ ହୋଇ ଉଠିଥିଲେ। ପାଞ୍ଚ ଜଣ ଠାକୁରଙ୍କ ଶତମନ୍ତ୍ରରେ ସତଦୀକ୍ଷା ଗ୍ରହଣ କରିଥିଲେ।

# ମାଲକାନଗିରି ବ୍ଲକ୍ ଉପାଧ୍ୟକ୍ଷଙ୍କ ନାଁରେ ଏତଲା

**ମାଲକାନଗିରି,୪।୨(ସମିସ):**



ମାଲକାନଗିରି ବ୍ଲକ୍ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର ସଦର ବ୍ଲକ୍ ପଦ୍ମଗିରି ପଞ୍ଚାୟତରେ ହେଉଥିବା ଏକ କାର୍ଯ୍ୟକ୍ରମରେ ବିଶୃଙ୍ଖଳା ସୃଷ୍ଟି କରିଥିବାରୁ ତାଙ୍କ ନାମରେ ମାଲକାନଗିରି ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି ପଦ୍ମଗିରି ସରପଞ୍ଚ ସୁନାଧର ମାଡକାମି। ଉକ୍ତ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ, ଗତ ୩ ତାରିଖ ଦିନ ପଦ୍ମଗିରି ପଞ୍ଚାୟତଠାରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ବ୍ଲକ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟା, ସ୍ୱୟଂ ସହାୟକ ମହିଳା ବର୍ଗ, ଛାତ୍ରଛାତ୍ରୀ ଏବଂ ସମସ୍ତ ପଞ୍ଚାୟତବାସୀ ଉପସ୍ଥିତ ରହି ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟକ୍ରମ ଆୟୋଜନ କରୁଥିବାବେଳେ ହଠାତ୍ ମାଲକାନଗିରି ବ୍ଲକ୍ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର କିଛି ଅସାମାଜିକ ବ୍ୟକ୍ତିଙ୍କୁ ଧରି ଜୋରଜବରଦସ୍ତ ପସି ଝଗଡ଼ା କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ନାରା ଦେଇଥିଲେ। ଏହା ସହ କାର୍ଯ୍ୟକ୍ରମ ବନ୍ଦ କରିବା ପାଇଁ କହି ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବ୍ଲକ୍ ଅଧ୍ୟକ୍ଷା ଗୌରୀ ପଡିଆମି, ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିଆଙ୍କୁ ଗାଳିଗୁଲଜ କରିଥିଲେ। ଏ ସମ୍ବନ୍ଧରେ ଶ୍ରୀ ହାଲଦାରଙ୍କୁ ବୁଝାସୁଝା କରିବା ସହ ତାଙ୍କୁ ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରାଯାଇ ନ ଥିବାବେଳେ ଉକ୍ତ କାର୍ଯ୍ୟକ୍ରମକୁ ଆସି କାହିଁକି ଭଣ୍ଡୁର କରିବା ପାଇଁ ଚାହୁଁଛନ୍ତି ବୋଲି ପଚାରିବାରୁ ସେ ସରପଞ୍ଚଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ସରପଞ୍ଚ ଜଣେ ଆଦିବାସୀ କୋୟା, ସେ କ'ଣ ଶିଖାଇବେ ବୋଲି କହି ଜୀବନରେ ମାରିଦେବା ଧମକ ଦେଇଥିଲେ। ଫଳରେ ସେଠାରେ ଉପସ୍ଥିତ ଥିବା କୁନି କୁନି ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବାରୁ ବଞ୍ଚିତ ହେଲେ। ଅତିଥିମାନଙ୍କୁ ଅପମାନ ହେବା ସହ ଦୂର ଦୂରାନ୍ତରୁ ଆସିଥିବା ଅଞ୍ଚଳବାସୀ ଉକ୍ତ କାର୍ଯ୍ୟକ୍ରମ ଛାଡ଼ି ଚାଲି ଯାଇଥିଲେ। ତେଣୁ ସରପଞ୍ଚଙ୍କ ନିଜ ଜୀବନ ପ୍ରତି ବିପଦ ଥିବାରୁ ସୁରକ୍ଷା ଦେବା ସହ ଶ୍ରୀ ହାଲଦାରଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

# ରାଜ୍ୟସ୍ତରରେ ପୁରସ୍କୃତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ଉମରକୋଟ,୪।୨(ସମିସ):** ଉମରକୋଟ ସ୍ଥିତ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମଧ୍ୟରେ ଏନପିଏସ୍ ଶିକ୍ଷକ ସଂଘ ତରଫରୁ ଚଳିତ ବର୍ଷ ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଉମରକୋଟ ବ୍ଲକର ସମସ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଚଳିତ ବର୍ଷ ମୋଟ ୨୨ ଜଣ ଶିକ୍ଷକଶିକ୍ଷୟିତ୍ରୀ ଏହି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିଲେ। ସେଥିମଧ୍ୟରୁ ୧୫ ଜଣ ଶିକ୍ଷୟିତ୍ରୀ ଥିବାବେଳେ ୭ ଜଣ ଶିକ୍ଷକ ଅଛନ୍ତି। ଏହି ସଭାରେ ବ୍ଲକ୍ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାରଙ୍କ ସମେତ ସମସ୍ତ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଉପସ୍ଥିତ ରହି ପୁରସ୍କୃତ ଶିକ୍ଷକମାନଙ୍କୁ ସମ୍ମାନିତ କରିଥିଲେ। ଉମରକୋଟ ବ୍ଲକର ସଂଖ୍ୟାଧିକ ଶିକ୍ଷକ ପୁରସ୍କୃତ ହୋଇଥିବାରୁ ସେମାନଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ପୁରସ୍କୃତ ଶିକ୍ଷକମାନେ ସେମାନଙ୍କ ସଫଳତାର ରାସ୍ତା ଉପରେ ଆଲୋକପାତ କରିଥିଲେ। ଶିକ୍ଷକମାନେ ପୁରସ୍କୃତ ଶିକ୍ଷକଙ୍କ ବିଦ୍ୟାଳୟ ବୁଲି କିଛି ଶିଖି ଶିକ୍ଷା କ୍ଷେତ୍ରରେ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା କରିଥିଲେ। ଏହି ସଭାରେ ଅନେକ ଶିକ୍ଷକ ସଂଘର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

# ଜୁଆ ଆଡ୍ଡାରେ ଚଢ଼ଉ; ୧୨ ବାଇକ୍ ଜବତ

**ନନ୍ଦପୁର,୪।୨(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଓଡ଼ିଶା ଆନ୍ଧ୍ର ସୀମାନ୍ତ ପାଡୁଆ ଥାନା ଅନ୍ତର୍ଗତ କୁଲାର ସିଂ ଗ୍ରାମ ପଞ୍ଚାୟତର ରାଙ୍ଗିନୀଗୁଡ଼ା ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପାଡୁଆ ପୁଲିସ ଆତର୍କିତ ଚଢ଼ଉ କରାଯାଇଥିବା ପାଡୁଆ ଆଇଆଇସି ଅଶୋକ କୁମାର ବିଶୋଇ ସୂଚନା ଦେଇଛନ୍ତି। ଶନିବାର ରାତିରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଏସ୍‌ଆଇ ହିମାଂଶୁ ବେନିଆ, ଟୁନା ଶବରଙ୍କ ନେତୃତ୍ୱରେ ଏକ ଟିମ୍ ଆତର୍କିତ ଚଢ଼ଉ କରି ୧୨ଟି ବାଇକ୍ ଜବତ କରିଛନ୍ତି। ତେବେ ପୁଲିସ ଆସିବା ଦେଖି ଜୁଆଡ଼ିମାନେ ଘଟଣା ସ୍ଥଳରୁ ଫେରାର୍ ହୋଇ ନିକଟ ଜଙ୍ଗଲରେ ପଶି ଯାଇଥିଲେ। ଏହାର ତଦନ୍ତ ଦାୟିତ୍ୱ ଏସ୍‌ଆଇ ଶ୍ରୀ ବେନିଆଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦେଇଛନ୍ତି ଆଇଆଇସି ଶ୍ରୀ ବିଶୋଇ।



# ଟ୍ରେନ୍‌ରୁ ଖସିପଡ଼ି ବୃଦ୍ଧ ମୃତ

**ଜେକେପୁର,୪।୨(ସମିସ):**



କୋଲନରା ବ୍ଲକ୍ ଅନ୍ତର୍ଗତ ଲେଲିବାଡ଼ି ଗ୍ରାମର ସିବାନା କାଡ୍ରାକା ଗ୍ରାମର ଲୋକଙ୍କ ସହିତ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଅଭିମୁଖେ ଟ୍ରେନରେ ଯାଇଥିଲେ। ଫେରିବା ସମୟରେ କୌଣସି ଅଜ୍ଞାତ ବସତଃ ସେ ଟ୍ରେନରୁ ଖସିପଡ଼ିବାରୁ ତାଙ୍କର ଅକାଳ ମୃତ୍ୟୁ ଘଟିଛି। ତାଙ୍କର ଦୁଇ ଝିଅ ଓ ତିନି ପୁଅ ଅଛନ୍ତି। ରେଳବାଇ ପୁଲିସ ପକ୍ଷରୁ ତାଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ତାଙ୍କ ପୁତ୍ର ବାବୁରାଓ କାଡ୍ରାକା ଶବ ଗ୍ରହଣ କରିଥିବା ଜଣାପଡ଼ିଛି। ଲେଲିବାଡ଼ି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

■ ଜିଲ୍ଲା ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଟିମ୍ ପର୍ପଲକୁ ୧୪୩ ରନରେ ପରାସ୍ତ କଲା ଟିମ୍ ବ୍ଲୁ

**ରାୟଗଡ଼ା,୪।୨(ସମିସ)**



ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ରାୟଗଡ଼ା ଜିଲ୍ଲା କ୍ରିକେଟ ଆସୋସିଏସନ ଦ୍ୱାରା ୧୩ ଦିନିଆ ଆନ୍ତଃସ୍କୁଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଟିମ୍ ବ୍ଲୁ ବିଜୟଲାଭ କରିଛି। ଟସ୍ ଜିତି ଟିମ ବ୍ଲୁ ୩୯.୧ ଓଭରରେ ୨୮୯ ରନ୍ କରିଥିଲା। ଦଳ ପକ୍ଷରୁ ପରମି ଆଦିତ୍ୟ ସର୍ବାଧିକ ୯୮ଟି ବଲ ଖେଳି ୭୧ ରନ୍ କରିଥିଲେ। ସେଥି ମଧ୍ୟରେ ଆକର୍ଷଣୀୟ ୧୧ଟି ଚୌକା ଓ ୧ଟି ଛକା ରହିଥିଲା। ଦଳ ପକ୍ଷରୁ ରୋସନ ବାଗ ୨ୟ ସର୍ବାଧିକ ରନ୍ କରିଥିଲେ। ୫୯ଟି ବଲ ଖେଳି ଧୂଆଁଧାର ବ୍ୟାଟିଂ କରି ୬୮ ରନ୍ କରିଥିଲେ। ୨୮୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୨୫.୩ ଓଭରରେ ଟିମ୍ ପର୍ପଲ ୧୪୬ ରନ କରି ଅଲ୍ ଆଉଟ ହୋଇଯାଇଥିଲା। ରାୟଗଡ଼ା ଜିଲ୍ଲା କ୍ରିକେଟ ଆସୋସିଏସନର ବରିଷ୍ଠ ସଦସ୍ୟ କୀର୍ତ୍ତିଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। ରାୟଗଡ଼ା ଜିଲ୍ଲାର ୮ଟି ସ୍କୁଲ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ୮ଟି ଟିମରୁ ସବୁଠାରୁ ଭଲ ଖେଳୁଥିବା ୧୫ ଜଣିଆ ଖେଳାଳି ଚୟନ କରାଯିବ। ଚୟନ ହେଇଥିବା ଖେଳାଳିମାନେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା କଳାହାଣ୍ଡି କପରେ ଭାଗ ନେବେ। ଏଣୁ ରାୟଗଡ଼ା ଜିଲ୍ଲା କ୍ରିକେଟ ଆସୋସିଏସନ୍ ପକ୍ଷରୁ ପ୍ରତିଭାବାନ କ୍ରିକେଟ ଖେଳାଳି ଚୟନ ଲାଗି ପିତାମହଲ ନିକଟ କ୍ରିକେଟ ପଡ଼ିଆରେ ପ୍ରତିଯୋଗିତା ଆରମ୍ଭ କରାଯାଇଛି। ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ସଚ୍ଚିଦାନନ୍ଦ ଖାଡ଼ଙ୍ଗାଙ୍କ ସମେତ ଜିଲ୍ଲା କ୍ରିକେଟ ଆସୋସିଏସନର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନା କରୁଛନ୍ତି। ମ୍ୟାଚରେ ଆମ୍ପାୟାର ଭାବେ ଗୋବିନ୍ଦ ଉଲାକା ଓ କେ. ସାଇଚରଣ ଦାୟିତ୍ୱ ତୁଲାଇଥିବାବେଳେ ମ୍ୟାଚ୍ ରେଫରୀ ଭାବେ ଦାୟିତ୍ୱ ତୁଲାଇଥିଲେ ଉମା ପଟ୍ଟନାୟକ ଏବଂ କାଳିଆ ସାହୁ ସ୍କୋରର ରହିଥିଲେ।

# ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ





**ଜୟପୁର,୪।୨(ସମିସ)**

କୋରାପୁଟ ଜିଲ୍ଲା ଜୟପୁର ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରତିଯୋଗିତା ସ୍ଥାନୀୟ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ଶତପଥି, ଆଞ୍ଚଳିକ ସଂଯୋଜକ ଭାଗିରଥି ବାରିକ, ଜ୍ୟୋତିଶଙ୍କର ତ୍ରିପାଠୀ, ସଂଯୁକ୍ତା ରାଉତ, ସର୍ବେଶ୍ୱର ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର ବ୍ଲକର ସମୁଦାୟ ୧୫ଟି କ୍ଲଷ୍ଟରର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିତର୍କ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସଂସ୍କୃତି ସହିତ ଜଡ଼ିତ ନୃତ୍ୟ ପରିବେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବୀ ପ୍ରସାଦ ଦାଶ, ପ୍ରଦୀପ ପାଣିଗ୍ରାହୀ, ପଦ୍ମନ ଚୌଧୁରୀ, କିଶୋର ମହାପାତ୍ର, ସବିତା ଦେବୀ, ତପନ ସୁଆର, ମେଘରାଣୀ ପାତ୍ର, ସ୍ରୋତସ୍ୱିନୀ ଲେଙ୍କା, ମନ୍ଦାକିନୀ ସାବତ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମଚାରୀ ରଞ୍ଜିତ ମହାନ୍ତି, ମନୋଜ ପଟ୍ଟନାୟକ ସହଯୋଗ କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା। ସର୍ବଶେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ୫ ତାରିଖରେ ଜିଲ୍ଲାସ୍ତରୀୟ ଓଡ଼ିଆ ବିଶ୍ୱ ଭାଷା ସମ୍ମିଳନୀ ପ୍ରତିଯୋଗିତାରେ ଯୋଗଦେବେ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

**ବାଲିମେଳା:** ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ଥିତ ଟାଉନ ହଲଠାରେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାଲିମେଳା ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସଭାର ଆୟୋଜନ ହୋଇଥିଲା। ଦ୍ୱିତୀୟ ଦିବସରେ ପ୍ରଥମେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଧୂପ ଦୀପ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ସଭାପତି କବି ନିରଞ୍ଜନ ମଲ୍ଲ, ଉତ୍କଳ ସାହିତ୍ୟ ସଂସଦ ପ୍ରତିଷ୍ଠାତା ତଥା ସଭାପତି କବି କେଶବ ନାୟକ, ବ୍ୟାସକବି ସାହିତ୍ୟ ସଂସଦ ପ୍ରତିଷ୍ଠାତା କବି ଯତିନ୍ଦ୍ର ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ ଓଝା ଏବଂ ଗଜେନ୍ଦ୍ର ମଲ୍ଲିକ, କବି ତଥା ପ୍ରାଣୀ ଚିକିତ୍ସକ ଆଶୁତୋଷ ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମଥର ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ କ୍ରମେ ରାଜ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେଉଥିବାବେଳେ ଆମ ଭାଷା ଆମ ସଂସ୍କୃତି ବିଷୟବସ୍ତୁ ସମ୍ପର୍କରେ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରଚନା ଲିଖନ, ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦୀର୍ଘ ୩ ଦିନ ଧରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କରାଯିବାର ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମ ମଧ୍ୟରେ ଭୁବନେଶ୍ୱରରେ ଚାଲିଥିବା ଓଡ଼ିଆ ଭାଷା ସମ୍ମିଳନୀର ସିଧାପ୍ରସାରଣକୁ ମଧ୍ୟ ଦେଖାଯାଇଥିଲା। ସାମ୍ବାଦିକ ତଥା ସମାଜସେବୀ ଶୁଭାଶିଷ କର ମଞ୍ଚ ପରିଚାଳନା କରିଥିବାବେଳେ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କାଉନସିଲର ଏବଂ କର୍ମକର୍ତ୍ତା, ସ୍ୱଚ୍ଛ ସାଥିମାନେ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

# ମହିଳା ୱାକର କ୍ଲବ୍ ତରଫରୁ ଶାଢ଼ି ବିତରଣ



**ରାୟଗଡ଼ା,୪।୨(ସମିସ):** ରାୟଗଡ଼ା ସହର ସ୍ଥିତ ସ୍ଥାନୀୟ ରେଳବାଇ କଲୋନୀ ସ୍ଥିତ ସାଇ ମନ୍ଦିର ପରିସରରେ ମହିଳା ୱାକର କ୍ଲବ୍ ତରଫରୁ ଶାଢ଼ି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଜାତା ପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ୧୦୦ ଜଣ ଅସହାୟ ମହିଳାଙ୍କୁ କ୍ଲବର ସଦସ୍ୟଙ୍କ ଦ୍ୱାରା ଶାଢ଼ି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲବର ସମ୍ପାଦକ ରାଜିତା କୋରଡ଼ା, ଭାରତୀ କୋରଡ଼ା, କ୍ୟାବିନେଟ ସମ୍ପାଦକ ବି. ଲକ୍ଷ୍ମୀ, ଶ୍ରମିତା ପାଢ଼ୀ, ଅଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଗମ ଅଞ୍ଚଳରେ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ବସ୍ତ୍ର ବଣ୍ଟନ



**କଲ୍ୟାଣସିଂହପୁର,୪।୨(ସମିସ):** ରାୟଗଡ଼ା ଜିଲ୍ଲା ସୀମାନ୍ତ ତଥା ବନ୍ଧୁଗାଁ ବ୍ଲକର ମଞ୍ଜାପଦର ଗାଁଠାରେ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ଗ୍ରାମବାସୀଙ୍କୁ ବସ୍ତ୍ର ବଣ୍ଟନ କରାଯାଇଛି। ମାନବ ସେବା ହିଁ ଭବିଷ୍ୟତ ଶାନ୍ତିର ପଥ ଏଣୁ; ଏଭଳି ଚିନ୍ତାକୁ ଅନୁସରଣ କରି ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଡ. ବାଦଲ କୁମାର ତାହାଙ୍କ ନେତୃତ୍ୱରେ ପୂର୍ବରୁ ନିୟମଗିରି ଅଞ୍ଚଳର ମଣ୍ଡା, ରାୟଗଡ଼ା ବ୍ଲକର ବଡ଼ମାଣଧରା ଭଳି ଅନେକ ଦୁର୍ଗମ ଅଞ୍ଚଳରେ ବସ୍ତ୍ର ଦାନ କାର୍ଯ୍ୟକ୍ରମକୁ ମନ୍ତ୍ରରୂପେ ଗ୍ରହଣ କରି ଏଭଳି କାର୍ଯ୍ୟ ସଘଂ ଜାରି ରଖିଛି। ରବିବାର ମଞ୍ଜାପଦର ଗ୍ରାମର ୧୦୦ରୁ ଅଧିକ ପରିବାରକୁ ମହିଳାଙ୍କ ପାଇଁ ଶାଢ଼ି, ପୁରୁଷଙ୍କ ପାଇଁ ଲୁଙ୍ଗି, ଚାଦର ଓ ଛୋଟ ଛୁଆଙ୍କ ପାଇଁ ବସ୍ତ୍ର ବଣ୍ଟନ କରାଗଲା। ଏହି କାର୍ଯ୍ୟକ୍ରମରେ ଗାଁର ୱାର୍ଡ ମେମ୍ବର ଉପସ୍ଥିତ ରହି ସହଯୋଗ କରିଥିଲେ। ଜିଲ୍ଲା ସାମ୍ବାଦିକ ସଂଘର ଏହି ପ୍ରୟାସରେ ଗ୍ରାମବାସୀ ଖୁସି ହେବା ସହ ସାଧାରଣରେ ସଂଘ ପାଇଁ ପ୍ରଶଂସାର ସୁଅ ଛୁଟିଛି। ସଂଘର ସଭାପତି ଡ. ତାହାଙ୍କ ସମେତ ବରିଷ୍ଠ ସାମ୍ବାଦିକ ଅଜୟ ରଥ, ସଦସ୍ୟ ଶ୍ୟାମ କୁମାର ଦାଶ, ବିଦ୍ୟାଭୂଷଣ ପଣ୍ଡା, ଏମ୍ ବିଦ୍ୟାସାଗର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସ୍ଥାନୀୟ ସମାଜସେବୀ ପ୍ରଦୀପ୍ତ ସେନାପତି, ମହିଳା ସମାଜସେବୀ କାନ୍ତାମଣି କୁଲେସିକା ସହଯୋଗ କରିଥିଲେ। ସଂଘ ର ଏକ ମୂଳ ଉଦ୍ଦେଶ୍ୟ ହେଲା ଅପହଞ୍ଚ ଜାଗାରେ ପହଞ୍ଚି ସେଠାରେ ଲୋକଙ୍କୁ ମୌଳିକ ସୁବିଧା ମିଳୁଛି କି ନାହିଁ ଜାଣିବା। ଏଣୁ ସେବା ଏକ ମାଧ୍ୟମ ଲୋକଙ୍କ ନିକଟତର ହେବା ବାର୍ତ୍ତା ଦେଇ ଆଗକୁ ଏପରି କାର୍ଯ୍ୟକ୍ରମ ସଂଘ ତରଫରୁ ହାତକୁ ନିଆଯିବା ନେଇ ସଂଘର ସଭାପତି ଡ. ତାହା ସୂଚନା ଦେଇଛନ୍ତି।

# ଓଡ଼ିଆ ଭାଷା ସମ୍ମିଳନୀ ପ୍ରତିଯୋଗିତା ଉଦ୍‌ଯାପିତ



**ପଦ୍ମପୁର,୪।୨(ସମିସ):** ଓଡ଼ିଆ ଭାଷାର ପ୍ରସାର, ବିକାଶ ତଥା ଭବିଷ୍ୟତ ଆହ୍ୱାନର ସଫଳ ମୁକାବିଲା ପାଇଁ 'ଭାଷା ହିଁ ଭବିଷ୍ୟତ'କୁ ଆୟୁଧ କରି ଆରମ୍ଭ ହୋଇଯାଇଛି ଭାଷା ମହାକୁମ୍ଭ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ତଥା ଐତିହ୍ୟ ସହିତ ଜଡ଼ିତ ବିଭିନ୍ନ ବିଷୟ କୁ ଆଧାର କରି ପଞ୍ଚାୟତସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ବିଦ୍ୟାଳୟସ୍ତରୀୟ ଓଡ଼ିଆ ଭାଷା ସମ୍ମିଳନୀ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହି ଅବସରରେ ସ୍ଥାନୀୟ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଓଡ଼ିଆ ଭାଷା ସମ୍ମିଳନୀ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ କାର୍ଯ୍ୟକ୍ରମଟି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟ ନାରାୟଣ ନାୟକ ଏବଂ ଚନ୍ଦ୍ରସେନ ଲିମାଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ପୂର୍ବରୁ ବିଦ୍ୟାଳୟସ୍ତରରେ କୁଇଜ୍, ତର୍କ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ରଛାତ୍ରୀ ଏଥିରେ ଭାଗ ନେଇ ନିଜର କଳା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଅଜିତ୍ କୁମାର ଚୌଧୁରୀ,ଶତ୍ରୁଘ୍ନ ପାତ୍ର, ପି. ବିଶ୍ୱନାଥ, ଶିବା ଆଚାରି, ବିଶ୍ୱଭାରତୀ ପାଣିଗ୍ରାହୀ, ଶାନ୍ତନୁ କୁମାର ଦାସ ଆଦି ପରିଚାଳନା କରିଥିବାବେଳେ ଶିକ୍ଷକ ନୀଳମାଧବ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



**ଡାବୁଗାଁ,୪।୨(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଶ୍ରେଣୀକୁ ନେଇ କନିଷ୍ଠ ବିଭାଗ ଓ ସପ୍ତମ, ଅଷ୍ଟମ ଶ୍ରେଣୀକୁ ନେଇ ବରିଷ୍ଠ ବିଭାଗର ଛାତ୍ରଛାତ୍ରୀମାନଙ୍କୁ ନେଇ ଚିତ୍ରାଙ୍କନ, କୁଇଜ, ବିତର୍କ ଓ ସୃଜନାତ୍ମକ କଳାର ପ୍ରଦର୍ଶନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୨ଟି ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ ଓ କବି, କବୟିତ୍ରୀଙ୍କୁ ମାନପତ୍ର ଦେଇ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। କନିଷ୍ଠ ଓ ବରିଷ୍ଠ ବର୍ଗରୁ ୪ଟି ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ୮ ଜଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବରେ ଭାଗ ନେବେ। ଶେଷରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଭଗବାନ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ଶରତ ମାଝି, ମୁଖ୍ୟବକ୍ତା ଅଧ୍ୟାପକ ରମେଶ ଚନ୍ଦ୍ର ନାହକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଅଜୟ ବଲ୍ଲଭ ପଣ୍ଡା ଓ ଲକ୍ଷ୍ମୀକାନ୍ତ ରଥ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୁପ୍ତ ପ୍ରସାଦ ନାଗ, ଧନଞ୍ଜୟ ବଡ଼ଜେନା, ହେମନ୍ତ କୁମାର ପଣ୍ଡା, ପିଙ୍କି କୁମାରୀ ଗୁପ୍ତା, ଗୀତାଞ୍ଜଳି ବସ୍ତିଆ ସହଯୋଗ କରିଥିବାବେଳେ ବ୍ଲକ୍ ଅଧୀନ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ରାସ୍ତାକଡ଼ ଅସ୍ଥାୟୀ ଦୋକାନୀଙ୍କ ଲକ୍ଷାଧିକ ଟଙ୍କାର ବ୍ୟବସାୟ

# ବିନା ଟିକସରେ ବିକ୍ରି କରୁଛନ୍ତି ସାମଗ୍ରୀ

**ଜୟପୁର,୪।୨(ସମିସ)**



କୋରାପୁଟ ଜିଲ୍ଲା ସହର ଏବଂ ବ୍ଲକ୍ ମୁଖ୍ୟାଳୟଗୁଡ଼ିକର ରାସ୍ତା କଡ଼ରେ ଲକ୍ଷାଧିକ ଟଙ୍କାର ବ୍ୟବସାୟ ଚାଲିଛି। ଗ୍ରାହକଙ୍କୁ ରାସ୍ତା କଡ଼ରେ ଅସ୍ଥାୟୀ ଦୋକାନୀମାନେ ସାମଗ୍ରୀ ବିକ୍ରି କରୁଥିଲେ ସୁଦ୍ଧା ରାଜ୍ୟ କିମ୍ବା କେନ୍ଦ୍ର ବିକ୍ରିକର ଟିକସ ଆଦାୟ କରାଯାଉ ନ ଥିବା ନଜରକୁ ଆସୁଛି। ଫଳରେ ଏହାର ସୁଯୋଗ ନେଇ ରାଜ୍ୟ ବାହାରର ବ୍ୟବସାୟୀମାନେ ବିନା ଦ୍ୱିଧାରେ ରାସ୍ତା କଡ଼ ଜମିକୁ ଅସ୍ଥାୟୀ ଭାବେ ଜବରଦଖଲ କରିବା ସହ ନିଜ ନିଜର ବ୍ୟବସାୟ ଜାରି ରଖିଛନ୍ତି। ଏନେଇ ସ୍ଥାନୀୟ ବାଣିଜ୍ୟ ଓ ବିକ୍ରିକର ବିଭାଗ ନିକଟରେ ସୂଚନା ରହିଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ସହରରେ ସ୍ଥାନୀୟ ଦୋକନ ଗୃହ ରହିଥିବା ବ୍ୟବସାୟୀମାନେ ନିୟମିତ ବାଣିଜ୍ୟକର ଟିକସ ପୈଠ କରୁଥିଲେ ସୁଦ୍ଧା ସେମାନଙ୍କ ଉପରେ ବାଣିଜ୍ୟ କର ବିଭାଗ ପକ୍ଷରୁ ଅନେକ ଥର ଚଢ଼ଉ କରାଯାଇ ଯାଞ୍ଚ ଏବଂ ନୋଟିସ କରାଯାଉଛି। ଅଥଚ ସହରର ରାସ୍ତା ପାର୍ଶ୍ୱରେ ଥିବା ଅସ୍ଥାୟୀ ଦୋକାନୀଙ୍କ ଉପରେ ଚଢ଼ଉ କରାଯାଉ ନ ଥିବାରୁ ବ୍ୟବସାୟୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ରାସ୍ତା କଡ଼ରେ ଅସ୍ଥାୟୀ ବ୍ୟବସାୟୀମାନେ ବିଭିନ୍ନ ସାମଗ୍ରୀ ଯଥା- ସୋଫା ସେଟ, ଟେବୁଲ, ଚେୟାର ଏବଂ ଗୃହ ଉପଯୋଗୀ ଲକ୍ଷାଧିକ ଟଙ୍କାର ସୌଖୀନ ସାମଗ୍ରୀ ବିକ୍ରି କରୁଥିଲେ ସୁଦ୍ଧା ରାଜ୍ୟ କିମ୍ବା କେନ୍ଦ୍ର ବିକ୍ରିକର ଟିକସ ବାବଦକୁ ଟଙ୍କା ପୈଠ କରୁନାହାନ୍ତି। ଏପରିକି ଉକ୍ତ ବ୍ୟବସାୟୀମାନଙ୍କ ନିକଟରେ ବିକ୍ରି ପରେ ଗ୍ରାହକଙ୍କୁ କୌଣସି ବିଲ୍ କିମ୍ବା ରସିଦ ମଧ୍ୟ ଦିଆଯାଉନାହିଁ। ଏହାସତ୍ତ୍ୱେ ଉକ୍ତ ବ୍ୟବସାୟୀମାନେ ବାହାର ରାଜ୍ୟରୁ ଉକ୍ତ ସାମଗ୍ରୀଗୁଡ଼ିକୁ ରାଜ୍ୟର ବିଭିନ୍ନ ସହରଗୁଡ଼ିକୁ ବୁଲି ବୁଲି ରାସ୍ତା ପାର୍ଶ୍ୱରେ ଅସ୍ଥାୟୀ ଦୋକାନ ସ୍ଥାପନ କରି ଗ୍ରାହକଙ୍କୁ ସାମଗ୍ରୀ ବିକ୍ରି କରୁଛନ୍ତି। ସୋଫା ସେଟ, ଚେୟାର, ଟେବୁଲ ଏବଂ ଅନ୍ୟାନ୍ୟ ଘରୋଇ ସୌଖୀନ ସାମଗ୍ରୀ ୨୦ରୁ ୩୦ ହଜାର ଟଙ୍କାରେ ସେମାନେ ବିକ୍ରି କରୁଛନ୍ତି। ଜୟପୁର ସହରରେ ବାଣିଜ୍ୟ କର ବିଭାଗର ଉପକମିଶନର, ସହ କମିଶନର ଏବଂ ଅନ୍ୟାନ୍ୟ ମୁଖ୍ୟ କାର୍ଯ୍ୟାଳୟଗୁଡ଼ିକ ରହିଥିଲେ ସୁଦ୍ଧା ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବାବେଳେ ଚଢ଼ଉ କାହିଁକି କରାଯାଉ ନାହିଁ ଏବଂ ବିକ୍ରିକର ଟିକସ ଆଦାୟ କାହିଁକି କରାଯାଉନାହିଁ ବୋଲି ସାଧାରଣରେ ଏବେ ପ୍ରଶ୍ନ ଉଠିଛି। ଏନେଇ ଜୟପୁର ବାଣିଜ୍ୟକର ଏନଫୋର୍ସମେଣ୍ଟ ବିଭାଗର ସହକାରୀ କମିଶନର ବସନ୍ତ କୁମାର ନାୟକଙ୍କୁ ପଚାରିବାରେ, ଉକ୍ତ ବ୍ୟବସାୟୀମାନଙ୍କ ନିକଟରେ ୱେ-ବିଲ୍ ରହୁଛି। ଉପ କମିଶନରଙ୍କୁ ଏନେଇ ଅବଗତ କରାଯିବ ଏବଂ ତାଙ୍କ ନିର୍ଦ୍ଦେଶ କ୍ରମେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ବୈଠକ



**ଜୟପୁର,୪।୨(ସମିସ):** କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ବୈଠକ ଜୟପୁର ସ୍ଥିତ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପୂର୍ବରୁ ବିଭିନ୍ନ ଆଲୋଚନା ହୋଇଥିବାବେଳେ କିଛି ନିଷ୍ପତ୍ତିଗୁଡ଼ିକ ସର୍ବସମ୍ମତି କ୍ରମେ ଅନୁମୋଦନ କରାଯାଇଥିଲା। ଏଥିରେ କର୍ମଚାରୀ ସଂଘର ସଭାପତି ଦିଗମ୍ବର ନାୟକ ଓ ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ ଗତ ଜାନୁଆରୀ ମାସରେ ଚାକିରିରୁ ଅବସର ନେଇଯାଇଛନ୍ତି। ଏହି ପରିପ୍ରେକ୍ଷୀରେ ସଂଘର ଦାୟିତ୍ୱ ଓ କାର୍ଯ୍ୟଭାର ନେଇ ଏବଂ ପୁନଃ ନିର୍ବାଚନ ତଥା ସ୍ଥାୟୀ କମିଟି ଚୟନ ନେଇ ଆଲୋଚନା କରାଯାଇଥିଲା। କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ନୂତନ ପରିଚାଳନା କମିଟି ଗଠନ, ନିର୍ବାଚନ ଓ ଚୟନ ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ଏହି ସଭାରେ ସମସ୍ତ କର୍ମଚାରୀଙ୍କ ଦ୍ୱାରା ପୂର୍ବତନ ସଭାପତି ଦିଗମ୍ବର ନାୟକ ଓ ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁଙ୍କୁ ପୁନର୍ବାର ପୂର୍ବ ପଦରେ କାର୍ଯ୍ୟଭାର ସମ୍ପାଦନ ପାଇଁ ନିଷ୍ପତ୍ତି ସହିତ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ବିଦ୍ୟାଧର ପ୍ରଧାନ, ଉପସଭାପତି ଅଶୋକ କୁମାର ରଥ, ସହସାଧାରଣ ସମ୍ପାଦକ ଅତୁଲ୍ୟ କୁମାର ମଲ୍ଲିକ, ସମ୍ପାଦକ ମନୋଜ କୁମାର ଦାଶ, କୋଷାଧ୍ୟକ୍ଷ ଗୋଲକ ବିହାରୀ ପାଇକରାୟ, ନବରଙ୍ଗପୁର ଜିଲ୍ଲା ସାଂଗଠନିକ ସମ୍ପାଦକ ହରିଶ୍ଚନ୍ଦ୍ର ବାନାଗାଡି, କୋରାପୁଟ ଜିଲ୍ଲା ସାଂଗଠନିକ ସମ୍ପାଦକ ସୁରେନ୍ଦ୍ର କୁମାର ନାୟକ, ରାୟଗଡ଼ା ଜିଲ୍ଲା ସାଂଗଠନିକ ସମ୍ପାଦକ ସୁଜିତ କୁମାର ପଟ୍ଟନାୟକ, ମାଲକାନଗିରି ଜିଲ୍ଲା ସାଂଗଠନିକ ସମ୍ପାଦକ ଶ୍ୟାମ ସୁନ୍ଦର ପଟ୍ଟନାୟକ ମନୋନୀତ ହୋଇଛନ୍ତି। ୮ ଜଣିଆ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ମନୋଜ କୁମାର ସାହୁ, ଜୟ ପ୍ରଦୀପ ପଟ୍ଟନାୟକ, ଶ୍ରୀକାନ୍ତ ଦାଶ, ତାପସ ପାତ୍ର, ସ୍ୱଦେଶ ମାଦଳା, ବିଜୟ ପଟ୍ଟନାୟକ, ଦଶରଥ ବେହେରା, ଆର୍ଯ୍ୟଜ୍ୟୋତି ମିଶ୍ର ମନୋନୀତ ହୋଇଛନ୍ତି। କେସିସି ବ୍ୟାଙ୍କର ବିଭିନ୍ନ ଦାବିକୁ ନେଇ ବିଚାରବିମର୍ଶ କରାଯାଇଥିଲା। ଆଗାମୀ ଦିନରେ ଉକ୍ତ ଦାବିଗୁଡ଼ିକ ପୂରଣ କରିବା ନେଇ ବ୍ୟାଙ୍କର ପରିଚାଳନା କମିଟିର ସଭାପତି ଓ ସମ୍ପାଦକଙ୍କଠାରେ ଉପସ୍ଥାପନା କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

## ସର୍ବଦଳୀୟ ସଭାପତିଙ୍କୁ ନେଇ ନନ୍ଦପୁରରେ ବୈଠକ

# ପୁଲିଂ ବୁଥ୍ ସ୍ଥାନାନ୍ତର ଓ ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା



**ନନ୍ଦପୁର,୪।୨(ସମିସ):** ସର୍ବଦଳୀୟ ସଭାପତିଙ୍କୁ ନେଇ ନନ୍ଦପୁରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶେଷ କରି ପୁଲିଂ ବୁଥ୍ ସ୍ଥାନାନ୍ତର ସହ ଭୋଟର ତାଲିକାରେ ତ୍ରୁଟି ସଂଶୋଧନ ଉପରେ ଆଲୋଚନା ହୋଇଥିଲା। ରବିବାର ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟରେ ଆୟୋଜିତ ବୈଠକ ଗୃହରେ ବ୍ଲକ୍ ଅଞ୍ଚଳରେ ଥିବା ୮୯ ପୁଲିଂ ବୁଥ୍ ମଧ୍ୟରୁ କିଛି ବୁଥ୍ ରାସ୍ତାଘାଟ ଓ ଅନ୍ୟାନ୍ୟ ଅସୁବିଧା ଯୋଗୁଁ ସ୍ଥାନାନ୍ତର ଓ ଭୋଟର ଲିଷ୍ଟରେ ଥିବା ତ୍ରୁଟି ସଂଶୋଧନ ଉପରେ ଆଲୋଚନା ହୋଇଥିଲା। ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତା, ସେକ୍ଟର ଅଫିସର ଓ ବିଏଲ୍ଓମାନେ ଉପସ୍ଥିତ ଥିଲେ। ସର୍ବସମ୍ମତି କ୍ରମେ ବିଲାପୁଟ ପଞ୍ଚାୟତରେ ଥିବା ୫ ନମ୍ବର ହରଗଣ୍ଡା ବୁଥକୁ କୁମ୍ଭାରିପୁଟ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ହୋଇଥିଲା। କୁଲାବିର, ପାଡୁଆ ଓ ଖିନବର ପଞ୍ଚାୟତରେ ସମାନ ନାମରେ ଗ୍ରାମ ଥିବାରୁ ଭୋଟରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଥିବାରୁ ତାହାର ସଂଶୋଧନ କରିବାକୁ ଉପସ୍ଥିତ ବିଏଲ୍ଓମାନଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ବୈଠକ ପରିଚାଳନା ଜିପିଇଓ ବେଦାନ୍ତ ମାଝୀ କରିଥିଲେ। ବୈଠକରେ କଂଗ୍ରେସ ଦଳ ତରଫରୁ ସାଂସଦ ପ୍ରତିନିଧି ଗୋପାଳ ମାଟାମ, ବିଜେଡି ବ୍ଲକ୍ ସଭାପତି କାଶୀନାଥ ଗୋଲରି, ବିଜେପି ନେତା ଜୟରାମ ଭୋଇ, ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, କାର୍ତ୍ତିକ ଖେମୁଣ୍ଡୁ, ବ୍ଲକ୍ ତରଫରୁ ନିର୍ବାଚନ ପ୍ରକ୍ରିୟା ଦାୟିତ୍ୱରେ ଥିବା ୧୪ ସେକ୍ଟର ଅଫିସର ଓ ୮୯ ବିଏଲ୍ଓ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବୈପାରୀଗୁଡ଼ା,୪।୨(ସମିସ):** ରବିବାର ସ୍ଥାନୀୟ ହାଇସ୍କୁଲ ପଡ଼ିଆଠାରେ ବୈପାରୀଗୁଡ଼ା ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଉଦଘାଟନୀ ମ୍ୟାଚ ଲେଜେଣ୍ଟ କିଲେର ଓ ମେସ୍କିମାସ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ମେସ୍କିମାସ ଏକାଦଶ ଟସ୍ ଜିତି ବୋଲିଂର ନିଷ୍ପତ୍ତି ନେଇଥିବାବେଳେ ଲେଜେଣ୍ଟ କିଲେର ପ୍ରଥମେ ବ୍ୟାଟିଂ କରି ୧୩.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୦ ରନ୍ ସଂଗ୍ରହ କରିଥିଲା। ମେସ୍କିମାସ ଏକାଦଶ ୧୨.୨ ଓଭରରେ ୧୧୪ ରନ୍ କରି ବିଜୟୀ ହୋଇଥିଲା। ଏହି ମ୍ୟାଚରେ ୩ ଓଭର ୧୨ ରନ୍ ଦେଇ ୬ଟି ୱିକେଟ୍ ନେଇଥିବାରୁ ଶ୍ରୀକାନ୍ତ ପଣ୍ଡାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚରେ ବୈପାରୀଗୁଡ଼ାର ସମସ୍ତ କ୍ରିକେଟ ପ୍ରେମୀ ସହଯୋଗ କରିଥିଲେ।

## ଜୟପୁରରେ ଅଭିନେତ୍ରୀ ଅନୁଷ୍କା ସେଟ୍ଟି

# ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଲିଛି ତେଲୁଗୁ ସିନେମାର ସୁଟିଂ



**ଜୟପୁର,୪।୨(ସମିସ):** ହିନ୍ଦୀ ଏବଂ ଦକ୍ଷିଣ ଭାରତୀୟ ସିନେମା ଅଭିନେତ୍ରୀ ଅନୁଷ୍କା ସେଟ୍ଟି ଏକ ତେଲୁଗୁ ସିନେମାର ସୁଟିଂ ପାଇଁ ଜୟପୁର ଆସିଥିବା ସୂଚନା ମିଳିଛି। ସେ ସହରର ଏକ ତାରକା ହୋଟେଲରେ ରହୁଥିବା ସୂଚନା ମିଳିଛି। ହୋଟେଲରେ ରହିଥିବା ସମସ୍ତ ୨୪ଟି କକ୍ଷକୁ ସିନେମା ପ୍ରଯୋଜକ ସଂସ୍ଥା ପକ୍ଷରୁ ଆସନ୍ତା ୫ ଦିନ ପାଇଁ ବୁକିଂ କରାଯାଇଥିବାବେଳେ ଅଭିନେତ୍ରୀ ଅନୁଷ୍କାଙ୍କ ସୁରକ୍ଷା ପାଇଁ ତାଙ୍କ ସହିତ ଆସିଥିବା ୫ ଜଣ ଘରୋଇ ସୁରକ୍ଷା କର୍ମୀ ୨୪ ଘଣ୍ଟିଆ ସୁରକ୍ଷା ପ୍ରଦାନ କରୁଛନ୍ତି। ଏପରିକି ସ୍ଥାନୀୟ ଘରୋଇ ହୋଟେଲ ପକ୍ଷରୁ ହୋଟେଲ ବାହାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା ଜାଣିବାକୁ ମିଳିଛି। ସୁଟିଂ ନିମନ୍ତେ ଏକ ସ୍ୱତନ୍ତ୍ର ବସରେ ଅନ୍ୟାନ୍ୟ ସହକଳାକାର ଏବଂ ସହଯୋଗୀମାନେ ଆସିଥିବା ମଧ୍ୟ ଜଣାପଡ଼ିଛି। ହୋଟେଲ ଭିତରକୁ ବାହାର ଗ୍ରାହକଙ୍କୁ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଜୟପୁର ସହରର ମୁଖ୍ୟ ରାସ୍ତା, ଜୟନଗର ପାର୍କ, ସହରର ଏକ ମଲରେ ସୁଟିଂ ହେବା ସହ ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ଦେଓମାଳି, ପୁଟସିଲ୍, କୋଟିଆ ଅଞ୍ଚଳରେ ମଧ୍ୟ ସୁଟିଂ ବ୍ୟବସ୍ଥା କରାଯାଇଛି। ଅଭିନେତ୍ରୀ ଅନସ୍କାଙ୍କ ପାଇଁ ଭାରତୀୟ, ଦକ୍ଷିଣ ଭାରତୀୟ, କଣ୍ଟିନେଣ୍ଟାଲ, ଥାଇଲାଣ୍ଡ, ଆମେରିକାନ୍ ଖାଦ୍ୟ ରୋଷେଇ ବ୍ୟବସ୍ଥା ଏବଂ ହୋଟେଲ ଜିମାନାଜିୟମରେ ବ୍ୟାୟାମ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଏହି ସିନେମାର ଅନ୍ୟତମ ଦକ୍ଷିଣ ଭାରତୀୟ ଶ୍ରେଷ୍ଠ ଅଭିନେତା ପୱନ କଲ୍ୟାଣ ଏହି ସିନେମା ସୁଟିଂ ପାଇଁ ଯୋଗଦେବେ ବୋଲି ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ କୋରାପୁଟ ଜିଲ୍ଲାର ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟସ୍ଥଳୀରେ କରାଯାଉଥିବା ଉନ୍ନତିକରଣ କାର୍ଯ୍ୟ ଏପରି ତେଲୁଗୁ ସିନେମା ସୁଟିଂ ଦ୍ୱାରା ଦେଶ ଏବଂ ବାହାର ଦେଶର ପର୍ଯ୍ୟଟକଙ୍କୁ ଏଠାକୁ ଆକୃଷ୍ଟ କରିବାରେ ସହାୟକ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହାଦ୍ୱାରା ସ୍ଥାନୀୟ ହୋଟେଲ ଏବଂ ଅନ୍ୟାନ୍ୟ ବ୍ୟବସାୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ସ୍ଥାନୀୟ ବ୍ୟବସାୟୀ ଏବଂ ସାଧାରଣ ଜନତା ଆଶା ପ୍ରକଟ କରିଛନ୍ତି।

## ବାସବୀ କନକା ପରମେଶ୍ୱରୀ ମନ୍ଦିରରୁ ଚୋରି

# ୪ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ଅଳଙ୍କାର ଓ ଟଙ୍କା ଲୁଟ୍

**ଜୟପୁର,୪।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରରେ ଚୋରମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ପୁଲିସ ପ୍ରଶାସନକୁ ଚ୍ୟାଲେଞ୍ଜ ଦେଇ ସହରର ଗୃହ ଓ ଦୋକାନରେ ଚୋରି ହେଉଥିବାବେଳେ ଶନିବାର ବିଳମ୍ବିତ ରାତିରେ ସହରର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ମହାରାଣୀ ପେଟା ସ୍ଥିତ କନକପରମେଶ୍ୱରୀ ମନ୍ଦିରର ଦୁର୍ବୃତ୍ତମାନେ ତାଲା ଭାଙ୍ଗି ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଓ ଟଙ୍କା ଚୋରି କରିନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ମନ୍ଦିରରେ କ୍ୟାମେରା ସଂଲଗ୍ନ ହୋଇଥିଲେ ସୁଦ୍ଧା ସିସି କ୍ୟାମେରା ଫୁଟେଜ ରେକର୍ଡିଂ ହୋଇଥିବା ଡିଭିଆରକୁ ଦୁର୍ବୃତ୍ତମାନେ ନେଇ ଚାଲିଯାଇଛନ୍ତି। ତେଣୁ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରିବା ପୁଲିସକୁ ଏକ ପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏନେଇ ପୁଲିସ ସାଇଣ୍ଟିଫିକ୍ ଏବଂ ସନ୍ଧାନୀ କୁକୁରଙ୍କ ଜରିଆରେ ତଦନ୍ତ ଆରମ୍ଭ କରିଥିବା ନେଇ ଟାଉନ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ ପ୍ରକାଶ କରିଛନ୍ତି। ବାସବୀ କନକା ପରମେଶ୍ୱରୀ ମନ୍ଦିର ପରିଚାଳନା କମିଟିର ଲିଖିତ ଅଭିଯୋଗ ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ମନ୍ଦିର ପରିସର ଭିତରେ ଦୁର୍ବୃତ୍ତମାନେ ପାଚେରି ଡେଇଁ ପ୍ରବେଶ କରିବା ସହିତ ପରିଚାଳନା କମିଟି ଗୃହର ତାଲା ଭାଙ୍ଗି ଭିତରେ ପଶିଥିଲେ। ସେଠାରେ ଦୁଇଟି ଆଲମାରୀ ଭାଙ୍ଗି ୨୧ ହଜାର ୨୪୪ ଟଙ୍କା, ୧୪ ଗ୍ରାମ ସୁନା ଅଳଙ୍କାର, ୩୨୨ ଗ୍ରାମ ରୁପା ଅଳଙ୍କାର, ପୂଜାରେ ବ୍ୟବହୃତ ୩୫୦ ଗ୍ରାମ ରୁପା ସାମଗ୍ରୀ ସହିତ ସିସି କ୍ୟାମେରା ଫୁଟେଜ୍ ରେକର୍ଡିଂ କରୁଥିବା ଡିଭିଆରକୁ ଲୁଟ୍ କରିଥିଲେ। ଏହାପରେ ମୁଖ୍ୟ ମନ୍ଦିର ଭିତରେ ପ୍ରବେଶ କରି ଦେବୀଙ୍କ ୨ କିଲୋଗ୍ରାମର ରୁପା ଅଳଙ୍କାର, ୨୦୦ ଶହ ଗ୍ରାମର ଦୁଇଟି ରୁପା ମୁକୁଟ ଏବଂ ୬ ଗ୍ରାମର ମଙ୍ଗଳସୂତ୍ର, ୩୦୦ ଗ୍ରାମର ରୁପା ପାଦ ଏବଂ ପାର୍ଶ୍ୱରେ ରହିଥିବା ଶିବ ମନ୍ଦିର ଭିତରେ ରୁପାର ଛତା, ତ୍ରିଶୂଳ ପ୍ରଭୃତି ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି କରି ନେଇଥିବା ପରିଚାଳନା କମିଟିର ସଭାପତି ଭି. ସତ୍ୟନାରାୟଣ ଏବଂ ଏସ. ଭେଙ୍କଟ ରମନ୍ନା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସକାଳ ୭ଟାରେ ପୂଜକ ଶ୍ରୀରଙ୍ଗମ ସୂର୍ଯ୍ୟନାରାୟଣ ଶର୍ମା ମନ୍ଦିର ମୁଖ୍ୟ ଫାଟକର ତାଲା ଖୋଲିଥିଲେ। କିନ୍ତୁ ଭିତର ପଟେ ଫାଟକ ବନ୍ଦ ରହିଥିବା ଦେଖିବା ପରେ ଫାଟକକୁ ଜୋରରେ ଖୋଲିବାକୁ ଚେଷ୍ଟା କରିବାବେଳେ ଏହା ଖୋଲିଯାଇଥିଲା। ଭିତରକୁ ଯାଇ ମନ୍ଦିର ଦେଖିବାବେଳେ ମନ୍ଦିର କବାଟର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ତୁରନ୍ତ ଏନେଇ ପରିଚାଳନା କମିଟିର ସଭାପତି ଓ ସମ୍ପାଦକଙ୍କୁ ସେ ସୂଚନା ଦେଇଥିଲେ। ପରିଚାଳନା କମିଟି ପକ୍ଷରୁ ଥାନାକୁ ଯାଇ ଏନେଇ ସୂଚନା ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତବେଳେ ଏହି ସାମଗ୍ରୀଗୁଡ଼ିକ ଚୋରି ହୋଇଥିବା ନେଇ ଜଣାପଡ଼ିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ କୋରାପୁଟରୁ ସାଇଣ୍ଟିଫିକ୍ ଦଳ ଓ ସନ୍ଧାନୀ କୁକୁର ସହାୟତାରେ ପୁଲିସ ତଦନ୍ତ ଜାରି ରଖିଛି। ପୁଲିସ ସନ୍ଦେହରେ କିଛି ସ୍ଥାନୀୟ ଅଞ୍ଚଳରେ ଚଢ଼ଉ ଆରମ୍ଭ କରିଥିବାବେଳେ ଆଖପାଖ ଗୃହର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଥିବା ଟାଉନ ଥାନା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଗର୍ଭବତୀ ପତ୍ନୀଙ୍କୁ ନିର୍ଯାତନା ଅଭିଯୋଗ; ସ୍ୱାମୀ ଅଟକ

**ଜୟପୁର,୪।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ମହିଳା ଥାନା ପକ୍ଷରୁ ଗର୍ଭବତୀ ପତ୍ନୀଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀଙ୍କୁ ଥାନାକୁ ଆଣି ଅଟକ ରଖିଛନ୍ତି। ଅଭିଯୁକ୍ତ ଜୟପୁର ସହରର ଗୋପବନ୍ଧୁ ନଗରର କୃଷ୍ଣ ଟାକ୍ରି (୩୨)। ଅଭିଯୁକ୍ତ ସ୍ୱାମୀ ଗତ ୧୦ ବର୍ଷ ପୂର୍ବେ ଅଭିଯୋଗକାରିଣୀ ପତ୍ନୀ ରୁକସାନା ଟାକ୍ରିଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇଟି ସନ୍ତାନ ରହିଥିବାବେଳେ ବର୍ତ୍ତମାନ ପତ୍ନୀ ୩ ମାସର ଗର୍ଭବତୀ ରହିଛନ୍ତି। କୃଷ୍ଣ ତାଙ୍କ ପତ୍ନୀଙ୍କୁ ବିଭିନ୍ନ କାରଣରୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଯୋଗୁଁ ଗତ କିଛି ଦିନ ହେଲାଣି ପତ୍ନୀ ତାଙ୍କ ବାପ ଘରକୁ ଆସି ରହୁଥିଲେ। ଆଧାରକାର୍ଡ ଆବଶ୍ୟକତା ରହିଥିବା ଯୋଗୁଁ ସ୍ୱାମୀ ଘରକୁ ଯାଇଥିବାବେଳେ ପତ୍ନୀଙ୍କୁ କୃଷ୍ଣ ଘର ଭିତରେ ପ୍ରବେଶ କରିବାକୁ ନ ଦେଇ ଟଣାଓଟରା କରିବା ସହ ଧସ୍ତାଧସ୍ତି କରିଥିଲେ। ଶେଷରେ ପତ୍ନୀ ମହିଳା ଥାନାର ଦ୍ୱାରସ୍ଥ ହୋଇ ଏତଲା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ ହେବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାକୁ ଆଣି ଅଟକ ରଖାଯାଇଥିବା ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ପ୍ରଧାନୀ ଖରା ସୂଚନା ଦେଇଛନ୍ତି।

## ୩ ନୂତନ କନିଷ୍ଠ ଯନ୍ତ୍ରୀଙ୍କ ଯୋଗଦାନ

# ୨ କନିଷ୍ଠ ଯନ୍ତ୍ରୀଙ୍କ ବଦଳି

**କୋଷାଗୁମୁଡ଼ା,୪।୨(ସମିସ):** ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ନିର୍ଦ୍ଦେଶ ପ୍ରକାରେ କୋଷାଗୁମୁଡ଼ା ବ୍ଲକର ପୂର୍ବତନ କନିଷ୍ଠ ଯନ୍ତ୍ରୀ ବ୍ରହ୍ମାନନ୍ଦ ସାହୁଙ୍କୁ ଡାବୁଗାଁ ବ୍ଲକକୁ ଏବଂ ସୂର୍ଯ୍ୟନାରାୟଣ ନନ୍ଦଙ୍କୁ ଝରିଗାଁ ବ୍ଲକକୁ ବଦଳି କରାଯାଇଥିବା କୋଷାଗୁମୁଡ଼ା ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସେହିପରି କୋଷାଗୁମୁଡ଼ା ବ୍ଲକ୍ କାର୍ଯ୍ୟାଳୟରେ ନୂତନ ଭାବେ ୩ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ବେହେରା, ଦେବାଶିଷ ସ୍ୱାଇଁ ଏବଂ ନୀଳକଣ୍ଠ ପଟ୍ଟନାୟକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# 'ଆମ ଓଡ଼ିଶା, ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା





**ବନ୍ଧୁଗାଁ,୪।୨(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ସଦର ପଞ୍ଚାୟତର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିନି ଷ୍ଟାଡିୟମ ପଡ଼ିଆରେ ସରପଞ୍ଚ ସ୍ଥାନୀୟ ନେତାଙ୍କୁ ନେଇ ଅଭିନବ ଭାବରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା'ର ସଚେତନତା ଶିବିର ଆୟୋଜନ କରିଛନ୍ତି। ସରପଞ୍ଚ ଲକ୍ଷ୍ମୀ କାଡ୍ରାକାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ବ୍ଲକ୍ ବିଜେଡି ସଭାପତି ବାଲା ନାଗ ଓ ଜିଲ୍ଲା ପରିଷଦ ସଦସ୍ୟ ମାଝି ହିମିରିକା, ପୂର୍ବତନ ସରପଞ୍ଚ ଜି. ତିରୁପତି ରାଓ, ନିଲାବାଡ଼ି ସରପଞ୍ଚ ୱାଟାକା ଜାଗାନା ଓ ସମାଜସେବୀ ରାମସ୍ୱାମୀ ପିଡିକା ଉପସ୍ଥିତ ଥିଲେ। ପଞ୍ଚାୟତର ୧୨ଟି ୱାର୍ଡର ୧୬ଟି ଗାଁରୁ ୫୦ ଜଣ ଜାନି, ସାଉନ୍ତା, ଦିଶାରି, ବେଜୀଣି, ବାଜାବାଲା, ଓଷ ଗୁରୁ, ପୂଜାରୀ, ବୟସ୍କ ବ୍ୟକ୍ତିବିଶେଷ, ୧୨ ଜଣ ୱାର୍ଡ ମେମ୍ବର, ୮ ଜଣ ସାମ୍ବାଦିକ ଓ ବେଷ୍ଟ ଶିକ୍ଷକ ଭାବେ ବନ୍ଧୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଚନ୍ଦନ କୁମାର ନାଏକ, ବାଉଁଶପୁଟ ଗ୍ରାମର ବେଷ୍ଟ ଅଙ୍ଗନବାଡ଼ି କର୍ମୀ ଭାବେ ଓ ଗୋଟିପୁଟ ଗ୍ରାମର ବେଷ୍ଟ ଆଶା ଭାବେ ମାଣି ପିଡିକାଙ୍କୁ ଉପସ୍ଥିତ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଶିବିରରେ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସ୍ଥାନୀୟ ପାରମ୍ପରିକ ଲିଡର ଥିବାବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ରହିଥିଲେ। 'ଆମ ଓଡ଼ିଶା, ନବୀନ ଓଡ଼ିଶା'ର ପ୍ରକଳ୍ପ ପାଇଁ ଥିବା ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପଞ୍ଚାୟତର ପରିବାରଙ୍କୁ ଅନ୍ତର୍ଭୁକ୍ତ କରିଥିବାବେଳେ ହିତାଧିକାରୀ ଉପକୃତ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ବିଭିନ୍ନ ପ୍ରକଳ୍ପ ପାଇଁ ଟଙ୍କା, ପ୍ରତ୍ୟେକ ପରିବାରକୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ, ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା, ମିଶନ ଶକ୍ତି ଗୋଷ୍ଠୀଙ୍କୁ ବିନା ସୁଧରେ ଋଣ ପ୍ରଦାନ, ପ୍ରତ୍ୟେକ ପରିବାରକୁ ରାସନ କାର୍ଡ, ଗର୍ଭବତୀଙ୍କୁ 'ମମତା' ଯୋଜନାରେ ସହାୟତା, ପ୍ରତି ପଞ୍ଚାୟତରେ ଆମ ବ୍ୟାଙ୍କ ସେବା, ଲକ୍ଷ୍ମୀ ବସ ସେବା ଯୋଜନା, '୫-ଟି' ବିଦ୍ୟାଳୟଗୁଡ଼ିକର ରୂପାନ୍ତରୀକରଣ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କୁକୁଡ଼ା ଓ ଛେଳି ପାଳନ, ପାନୀୟଜଳ ଯୋଗାଣ, ରାସ୍ତା ଆଲୋକୀକରଣ, ଏସଡିସି ମାଧ୍ୟମରେ ପାରମ୍ପରିକ ପୂଜାସ୍ଥଳୀଗୁଡ଼ିକୁ ନିର୍ମାଣ, ବସୁଧା ଯୋଜନା, ଆମ ବସ୍ ଷ୍ଟପ୍, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସଡ଼କ ନିର୍ମାଣ ଆଦି ଯୋଜନା ବିଷୟରେ ଲୋକଙ୍କୁ ସଚେତନତା କରିଥିଲେ। ବନ୍ଧୁଗାଁ ବ୍ଲକର ଜଙ୍ଗଲ ବିଭାଗ, କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ମିଶନ ଶକ୍ତି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବାଉଁଶପୁଟ, ଗୋଟିପୁଟ, ବନ୍ଧୁଗାଁ, ମେକଡା ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପାରମ୍ପରିକ ଢେମସା ଓ ନୃତ୍ୟ ପରିବେଷଣ କରାଯାଇଥିଲା। ସଚେତନତା ଶିବିରରେ ଉପସ୍ଥିତ ସମସ୍ତଙ୍କୁ ସରପଞ୍ଚ ଲକ୍ଷ୍ମୀ କାଡ୍ରାକା ଧନ୍ୟବାଦ ଅର୍ପଣ କରିବା ସହିତ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାମ ଚନ୍ଦ୍ର ମେଲେକା ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ।

**କୋରାପୁଟ :** କୋରାପୁଟ ବ୍ଲକ ଅନ୍ତର୍ଗତ ଉମୁରିଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉମୁରି ହାଇସ୍କୁଲ ପରିସରରେ ଆୟୋଜିତ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିରକୁ କୋରାପୁଟ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସରପଞ୍ଚ ଅନନ୍ତ ଜାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉମୁରି ପଞ୍ଚାୟତର ବିକାଶ ବହିକୁ ମୁଖ୍ୟ ଅତିଥି ଶ୍ରୀ ପଡ଼ାଲ ଉନ୍ମୋଚନ କରିବା ସହ ଗୋଟିଏ ମହିଳା ଗୋଷ୍ଠୀକୁ ୮ ଲକ୍ଷ ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିଥିଲେ। କୋରାପୁଟ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତି ସାମଲ ଯୋଗଦେଇ ପରିଚାଳନା କରିଥିବାବେଳେ ଏପିଓ ସନ୍ତୋଷୀ ମହାପାତ୍ର ସହଯୋଗ କରିଥିଲେ।

**କଲ୍ୟାଣସିଂହପୁର:** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଧାମୁଣିପଙ୍ଗା ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିପିଓ ଶ୍ୱେତମ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଅମ୍ରିତା କାଡ୍ରାକା, ଅତିଥି ଭାବେ ଆଦିବାସୀ ଉନ୍ନୟନ ପରିଷଦର ଉପସଭାପତି ବନମାଳୀ କାଡ୍ରାକା, ବକ୍ତା ଭାବେ ଲୋକକଳା ପରିଷଦର ଉପସଭାପତି ସନ୍ତୋଷ ବଛା, ସରପଞ୍ଚ ଅଞ୍ଜଳି ତିଆକା, ସମିତିସଭ୍ୟା ଗୀତା କାଡ୍ରାକା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା କାଡ୍ରାକା, ବିଜେଡି ବ୍ଲକ୍ ସଭାପତି ସୁନ୍ଦର ରାଓ ବାଗ, ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ ମଞ୍ଚାସୀନ ଥିଲେ। ଧାମୁଣିପଙ୍ଗା ପଞ୍ଚାୟତ ଅଧିକାରୀ କାମାକ୍ଷୀ ପ୍ରସାଦ ନେମାଲପୁରୀ ସମେତ ଓ ପଞ୍ଚାୟତ କର୍ମଚାରୀ, ପୁଲିସ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍ ବିଭାଗ କର୍ଚ୍ଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଶ୍ୱନାଥ କାଡ୍ରାକା ପରିବେଷଣ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ନାରାୟଣପାଟଣା,୪।୨(ସମିସ):** କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମିଲେକା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ନାରାୟଣପାଟଣା ବ୍ଲକ୍ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ସମ୍ମାନିତ ଅତିଥି ଭାବେ ନାରାୟଣପାଟଣା ବ୍ଲକ ଜିଲ୍ଲାପରିଷଦ ସଭ୍ୟ ରାମ୍ବୋ ସିରିକା, ବିଧାୟକ ପ୍ରତିନିଧି କେ.ସାୟା ରାଜୁ ଓ ଏବିଇଓ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଚନ୍ଦନ ଦାସ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ବିଜେପିର କାର୍ଯ୍ୟକର୍ତ୍ତା ସମ୍ମିଳନୀ

**କୋଷାଗୁମୁଡ଼ା,୪।୨(ସମିସ):** ନବରଙ୍ଗପୁର ନିର୍ବାଚନମଣ୍ଡଳୀ କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ବିଞ୍ଜିଲି ପଞ୍ଚାୟତର ଟିକିରାଚୁରା ଗ୍ରାମରେ ବିଜେପିର ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ଓ ସୁଶାସନରେ ଅନୁପ୍ରାଣିତ ହୋଇ ଟିକିରାଚୁରା ଗ୍ରାମର କଂଗ୍ରେସ ଦଳର ଦୁଇ ଥର ସରପଞ୍ଚ ପ୍ରାର୍ଥୀ ନାଥ ରନ୍ଧାରୀଙ୍କ ସହ ମହାଦେବ ରନ୍ଧାରୀ, ପଦ୍ମନ ପୁଜାରୀ, ବୁଦୁ ରନ୍ଧାରୀ, ବୁଦୁ ରନ୍ଧାରୀ, ସୁକ୍ରୁ ରନ୍ଧାରୀ, କ୍ଷେମରାଜ ରନ୍ଧାରୀ, ସମୁନ୍ଦୁ ରନ୍ଧାରୀ, ପଲାଦ ଭତ୍ରା, କମଳଲୋଚନ ଭତ୍ରା, ରଘୁନାଥ ଭତ୍ରାଙ୍କ ସମେତ ଅନେକ କର୍ମୀ ଆଜି ବିଧିବଦ୍ଧ ଭାବେ ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ନବରଙ୍ଗପୁର ନିର୍ବାଚନମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ଗୌରୀ ଶଙ୍କର ମାଝୀଙ୍କ ଉପସ୍ଥିତିରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସମ୍ପାଦକ ସୀମାଞ୍ଚଳ ବିଶୋଇ, କୋଷାଗୁମୁଡ଼ା ମଣ୍ଡଳ ସାଧାରଣ ସମ୍ପାଦକ କରଣ ଭତ୍ରା, ଭୀମସେନ ମାଝୀ, ଦୟାସିନ୍ଧୁ ଭତ୍ରା, ମାନକୁରାମ ମାଝୀ, ଧନେଶ୍ୱର ଭତ୍ରା, ଫୁଲଦାସ ସୁନା, ବଡ଼ ମସିଗାଁ ମଣ୍ଡଳରୁ ରମେଶ ଭତ୍ରା, ନାରାୟଣ ଭାଇ ପ୍ରମୁଖ ଉପସ୍ଥିତ ଥିଲେ।

■ 'ମିଡିଆ କ୍ଲବ୍ ଗୁଣୁପୁର'ର ଶୁଭ ଉଦ୍‌ଘାଟନ ଓ କର୍ମକର୍ତ୍ତା ଚୟନ

## ଅନିଲ୍ ସାହୁକାର ସଭାପତି, ଜଗନ୍ନାଥ ମହାନ୍ତି ସମ୍ପାଦକ



**ଗୁଣୁପୁର,୪।୨(ସମିସ):** ରାୟଗଡ଼ା ଜିଲ୍ଲା ଗୁଣୁପୁରଠାରେ ନୂତନ ଭାବେ 'ମିଡିଆ କ୍ଲବ୍ ଗୁଣୁପୁର' ନାମରେ ଏକ ସାମ୍ବାଦିକ ସଂଘ ଗଠନ ହୋଇଯାଇଛି। ଉକ୍ତ ସଂଘର ଆବାହକ ଜିତେନ୍ଦ୍ର କୁମାର ଶତପଥିଙ୍କ ଆହ୍ୱାନ କ୍ରମେ ରବିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଗୁଣୁପୁରରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ମିଳିତ ଉଦ୍ୟମରେ 'ମିଡିଆ କ୍ଲବ୍ ଗୁଣୁପୁର'ର ସୁପରିଚାଳନା ପାଇଁ ସାମ୍ବାଦିକ ଭାଇମାନଙ୍କୁ ବିଭିନ୍ନ ଦାୟିତ୍ୱ ନିର୍ବାହ ନିମନ୍ତେ ଚୟନ କରାଯାଇଛି। ଏହି ଅବସରରେ ସମସ୍ତ ଉପସ୍ଥିତ ସାମ୍ବାଦିକଙ୍କ ସର୍ବସମ୍ମତି କ୍ରମେ ସଂଘର ସଭାପତି ଭାବେ ଅନିଲ୍ ସାହୁକାର ମନୋନୀତ ହୋଇଥିବାବେଳେ, ଜଗନ୍ନାଥ ମହାନ୍ତି ସମ୍ପାଦକ, କୃଷ୍ଣଚନ୍ଦ୍ର ରାଜଗୁରୁ କାର୍ଯ୍ୟକାରୀ ସଭାପତି, ବିଭୁ ପ୍ରସାଦ ଶତପଥୀ ସହସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୁଣୁପୁର ଅଞ୍ଚଳର ସାମାଜିକ କର୍ମୀ ତଥା ବରିଷ୍ଠ ଓକିଲ ରମେଶ ଲିମାଙ୍କୁ 'ମିଡିଆ କ୍ଲବ୍ ଗୁଣୁପୁର'ର ଆଇନଗତ ପରାମର୍ଶଦାତା ଭାବେ ଚୟନ କରାଯାଇଥିଲା ଏବଂ ଯୁବ ଆଇନଜୀବୀ, ସାମ୍ବାଦିକ ତଥା ଶିକ୍ଷା ଉଦ୍ୟୋଗକାରୀ ଲକ୍ଷ୍ମୀ ମହାଙ୍କୁଡ଼ଙ୍କୁ ସଂଘର କୋଷାଧ୍ୟକ୍ଷ ତଥା ଉପଦେଷ୍ଟା ଭାବେ ଚୟନ କରାଯାଇଛି। ସାମ୍ବାଦିକ ରାକେଶ ପାଢ଼ୀ, ଦିଲ୍ଲୀପ ରାଜଗୁରୁ, ମହେଶ ପାଟଖଣ୍ଡାଳ, ଜଗଦୀଶ ପ୍ରସାଦ ଶତପଥୀ, ଅନିଲ ଚୌଧୁରୀ, ସୁନୀଲ ସାବତ, ଶୀଲା ଗମାଙ୍ଗ, ଉମା ମହାଙ୍କୁଡ଼ ଓ ବିଷ୍ଣୁ ଶତପଥି ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ସଂଘର କାର୍ଯ୍ୟକର୍ତ୍ତା ଚୟନ ସମୟରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ସୂଚନା ବିଭାଗ ବରିଷ୍ଠ ସହାୟକ ଅନନ୍ତ ପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକର୍ତ୍ତା ଚୟନ ହୋଇସାରିବା ପରେ ସଂଘର ଆବାହକ ଜିତେନ୍ଦ୍ର ଶତପଥୀ ବିଧିବଦ୍ଧ ଭାବେ ନାମ ଘୋଷଣା କରିଥିଲେ ଏବଂ ସଭାପତି ଅନିଲ୍ ସାହୁକାର ସଂଘର ଆଭିମୁଖ୍ୟ ସ୍ୱଷ୍ଟତାର ସହ ପ୍ରତିପାଦନ କରିଥିଲେ। ପରିଶେଷରେ ମନୋନୀତ ପ୍ରାର୍ଥୀମାନଙ୍କୁ ଉପସ୍ଥିତ ସମସ୍ତ ସାମ୍ବାଦିକ, ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ସୂଚନା ବିଭାଗ ବରିଷ୍ଠ ସହାୟକ ଅନନ୍ତ ଏବଂ ପ୍ରେସ୍ ୟୁନିୟନର ପୂର୍ବତନ ସଭାପତି ପ୍ରମୋଦ ସାହୁ ଶୁଭେଚ୍ଛା ସହ ସଂଘର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଶେଷରେ ଦିଲ୍ଲୀପ୍ ରାଜଗୁରୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ସଂସ୍କାର ଭ୍ୟାଲି ମଡେଲ ସ୍କୁଲର ବାର୍ଷିକୋତ୍ସବ

**ବିଷମକଟକ,୪।୨(ସମିସ):** ରାୟଗଡ଼ା ଜିଲ୍ଲା ବିଷମକଟକ ସ୍ଥିତ ସଂସ୍କାର ଭ୍ୟାଲି ମଡେଲ ସ୍କୁଲର ବାର୍ଷିକ ଉତ୍ସବ ଅଧ୍ୟକ୍ଷା ସରିତା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମା' ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶ୍ୱିନୀକୁମାର ପଣ୍ଡା ମୁଖ୍ୟ ଅତିଥି ଏବଂ ବିଷମ କଟକ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦିପ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ପରିଚାଳନା ସଦସ୍ୟ କୃଷ୍ଣ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟକ୍ଷା ଶ୍ରୀମତୀ ପଣ୍ଡା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, ଫ୍ୟାନ୍ସି ଡ୍ରେସ୍, ମଡେଲିଂର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚଳନ୍ତା ଅଟୋରୁ ଦୁର୍ବୃତ୍ତ ଝାମ୍ପିନେଲେ ମୋବାଇଲ୍

**ତେନ୍ତୁଲିଖୁଣ୍ଟି,୪।୨(ସମିସ):** ଶନିବାର ସନ୍ଧ୍ୟା ସମୟରେ ଏକ ଚଳନ୍ତା ଅଟୋରୁ ଜଣେ ମହିଳାଙ୍କ ହାତରୁ ମୋବାଇଲ୍ ଫୋନ ଝାମ୍ପି ନେଲେ ଦୁର୍ବୃତ୍ତ। ଏଭଳି ଘଟଣା ତେନ୍ତୁଲିଖୁଣ୍ଟି-ନବରଙ୍ଗପୁର ରାସ୍ତାର ବିଜ୍ରାଗୁଡ଼ା ନିକଟରେ ଘଟିଛି। ମହିଳା ଜଣକ କେ. ସନ୍ଧ୍ୟା ଏବଂ ତାଙ୍କ ଘର ଆନ୍ଧ୍ରପ୍ରଦେଶ ରାଜ୍ୟର ରାଜମ ବୋଲି ଜଣାପଡ଼ିଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି। କେ.ସନ୍ଧ୍ୟାଙ୍କ କହିବା ଅନୁଯାୟୀ, ଶନିବାର ସକାଳୁ ରାଜାମ ସହରରୁ ଚାରିଜଣ ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ଗ୍ରାମରେ ଥିବା ସମ୍ପର୍କୀୟ ଘରକୁ ବୁଲିବାକୁ ଆସୁଥିଲେ। ନବରଙ୍ଗପୁରରେ ସନ୍ଧ୍ୟା ୬ଟା ସମୟରେ ପହଞ୍ଚିବା ପରେ ଏକ ଅଟୋ ଭଡ଼ା କରି ତେନ୍ତୁଲିଖୁଣ୍ଟି ଆଭିମୁଖେ ଆସୁଥିଲେ। ବିଜ୍ରାଗୁଡ଼ା ନିକଟରେ ପଛରୁ ଏକ ବାଇକ ଯୋଗେ ତିନିଜଣ ଦୁର୍ବୃତ୍ତ ଆସି ଚଳନ୍ତା ଅଟୋରେ ବସିଥିବା ସନ୍ଧ୍ୟାଙ୍କ ହାତରୁ ମୋବାଇଲ ଝାମ୍ପି ନେଇଥିଲେ। ସମ୍ପର୍କୀୟ ଘରକୁ ଆସିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ଏନେଇ ଥାନାରେ ଅଭିଯୋଗ ହୋଇନଥିବା ଜଣାପଡ଼ିଛି। ପୁଣିଥରେ ତେନ୍ତୁଲିଖୁଣ୍ଟି ନବରଙ୍ଗପୁର ରାସ୍ତାର ବିଜ୍ରାଗୁଡ଼ା ନିକଟରେ ରୋଡ୍ ଲୁଟେରାଙ୍କ ଉତ୍ପାତ ବୃଦ୍ଧି ପାଉଥିବା ଯୋଗୁଁ ଜନସାଧାରଣ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ପୁଲିସ କାର୍ଯ୍ୟାନୁଷ୍ଠାନ ପ୍ରତି ଦୁର୍ବୃତ୍ତଙ୍କ ଭୟ ରହୁନାହିଁ। ଯାହାଫଳରେ ଏଭଳି ଅପରାଧ କରିବାରେ ଦୁର୍ବୃତ୍ତମାନେ ପଛାଉ ନ ଥିବା ଆଲୋଚନା ହେଉଛି। ଏଣୁ ପୁଲିସ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

● ପୁଲିସ ପାଟ୍ରୋଲିଂ ବୃଦ୍ଧି ଦାବି

## ମାଝୀଧନୁଆ ବିଦ୍ୟାଳୟରେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ

**କୋଷାଗୁମୁଡ଼ା,୪।୨(ସମିସ):** ଶନିବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଆଠାରେ ପ୍ରଧାନଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳଙ୍କ ସଭାପତିତ୍ୱରେ ବିତର୍କ, ଚିତ୍ରାଙ୍କନ ଓ ଭାଷଣ ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତା କରାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଗ୍ରାମର ଅଭିଭାବକ ଅଭିଭାବିକା ତଥା ଏସ୍ଏମସି ସଭାପତି ଲକମୁ ହଲବା ଉପସ୍ଥିତ ରହି ପିଲାଙ୍କୁ ଓଡ଼ିଆ ଭାଷା ବିଷୟରେ ବକ୍ତବ୍ୟ ଦେଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସେହିପରି ମାଝୀଧନୁଆ ଗ୍ରାମପଞ୍ଚାୟତର ସରପଞ୍ଚ ଦୟାରାମ ପୂଜାରୀଙ୍କ ସଭାପତିତ୍ୱରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ବଦ୍ରିନାରାୟଣ ବିଶ୍ୱାଳ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୁଗଧର ହରିଜନ, ମଧୁସୂଦନ ସାହୁ, ବୈଷ୍ଣବ ପଲେଇ, ବଂଶୀଧର ପୃଷ୍ଟି ଯୋଗଦେଇଥିଲେ। ପ୍ରସନ୍ନଜିତ୍ ମାଝୀ ମଞ୍ଚ ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ଓଡ଼ିଆ ଭାଷା, କୁଇଜ୍, ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା କରାଇ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ମାଝୀଧନୁଆ ଗ୍ରାମପଞ୍ଚାୟତର ସମସ୍ତ ୱାର୍ଡମେମ୍ବର, ପିଇଓ, ସିଆରସି ତଥା ମିଶନ ଶକ୍ତିର ସମସ୍ତ କର୍ମକର୍ତ୍ତା (ଏମବିକେ) ସମିତି ମେମ୍ବର, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଉପସ୍ଥିତ ରହି ସମ୍ମିଳନୀକୁ ସାଫଲ୍ୟମଣ୍ଡିତ କରିଥିଲେ। ଏହି ସଭାରେ ସରପଞ୍ଚ ବିଦ୍ୟାଳୟର ବିଭିନ୍ନ ଉନ୍ନତି ତଥା ଛାତ୍ରଙ୍କ ବିଜ୍ଞାନ ମେଳାରେ ଜୋନାଲସ୍ତରରେ ପ୍ରଥମ ହୋଇଥିବା ମଦନ ମୁରିଆଙ୍କୁ ସମ୍ମାନିତ କରିଥିଲେ। ମାଝୀଧନୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳଙ୍କୁ ମଧ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ବିଜ୍ଞାନ ଶିକ୍ଷକଙ୍କ ପରିଶ୍ରମ ତଥା ପିଲାଙ୍କ ପ୍ରତି ଅହେତୁକ ସ୍ନେହ ଓ ସମୟାନୁବର୍ତ୍ତିତା ତାଙ୍କୁ ଅନେକ ଦିଗରେ ଆଗେଇ ନେଇଛି। ତାଙ୍କୁ ଆମେ ସମ୍ମାନିତ କରି ନିଜକୁ ଗର୍ବିତ ମନେ କରୁଛୁ ବୋଲି ମତ ପ୍ରକାଶ ପାଇଥିଲା।



## ଓଡ଼ିଆ ଭାଷା ସମ୍ମିଳନୀରେ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ଚନ୍ଦ୍ରପୁର, ୪।୨(ସମିସ) :** ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ବୁଢୁବାଲି ଆଶ୍ରମ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ସାହିତ୍ୟ ସମ୍ମିଳନୀ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଡଙ୍ଗା ସୁଦର୍ଶନ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ କନିଷ୍ଠ ଶିକ୍ଷକ ସିମା କେପ୍ଟୁଟୀକା ସହାଇକା ସବିତା ଗୌଡ଼, 'ସକାଳ' ପ୍ରତିନିଧି ହାଡ଼ିପା ଗୌଡ଼ ଉପସ୍ଥିତ ରହି ପ୍ରଥମେ ମହାପୁରୁଷ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ପାଢ଼ୀ ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ପ୍ରଧାନଶିକ୍ଷକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଓଡ଼ିଆ ଭାଷା ସୁରକ୍ଷା ନେଇ ଛାତ୍ରଛାତ୍ରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ପାଢ଼ୀଙ୍କୁ ସରପଞ୍ଚ ଭୀମ ଗୋଗେରେଙ୍ଗା, ନାଏବ ସରପଞ୍ଚ ଓ ସଭ୍ୟ/ସଭ୍ୟା, ଅଞ୍ଚଳବାସୀଙ୍କ ସହ ପଞ୍ଚାୟତ ନିର୍ବାହ ଅଧିକାରୀ କରୁଣାକର ସେନାପତି, ଜର୍ପା କ୍ଲଷ୍ଟର ସିଆରସି ଶ୍ରୀ ମଲ୍ଲିକ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ।



କୋରାପୁଟ ବାଇପାସ୍ ନିର୍ମାଣରେ ବିଳମ୍ବ

# 'କେଁ' ସାଜିଛି ଜମିଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ

କୋରାପୁଟ,୪।୨(ସମିସ)



କୋରାପୁଟ ସହର ଦେଇ ଯାଇଥିବା ଜାତୀୟ ରାଜପଥରେ ଏକ ବାଇପାସ ରାସ୍ତା ନିର୍ମାଣ ହେବ। ଟ୍ରାଫିକ୍ ସମସ୍ୟାର ସମାଧାନ ହେବ। ଜାତୀୟ ରାଜପଥକୁ ଗହଳିମୁକ୍ତ କରାଯିବ। ଏମିତି ଏକ ସ୍ୱପ୍ନ ଦେଖାଇଥିଲା କୋରାପୁଟ ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ। ଦୀର୍ଘ ୫ବର୍ଷ ତଳେ ଏନେଇ ବ୍ୟୟ ଅଟକଳ ତିଆରି କରି ରାସ୍ତାର ରୂପରେଖ ବି ପ୍ରସ୍ତୁତ କରାଯାଇଥିଲା। କିନ୍ତୁ କୋରାପୁଟବାସୀଙ୍କ ବହୁ ପ୍ରତିକ୍ଷୀତ ବାଇପାସ ଏବେ ବି ଅନିଶ୍ଚିତତା ଭିତରେ। କୋରାପୁଟ ସହରରେ ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟକୁ ନେଇ କେଁ ଦେଖାଦେଇଛି। ପୂର୍ବରୁ ଜାଗା ଚିହ୍ନଟ ଓ ଜମି ଅଧିଗ୍ରହଣ ପାଇଁ ଏହି ପ୍ରକଳ୍ପ ବିଳମ୍ବ ହେଇଥିବାବେଳେ ବର୍ତ୍ତମାନ ଏହି ଜମିଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଏହି ପ୍ରକଳ୍ପର ଭାଗ୍ୟ ଅନିଶ୍ଚିତତା ଭିତରକୁ ଠେଲି ହୋଇ ଯାଉଛି। ଅନ୍ୟପକ୍ଷରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ସାଧାରଣରେ ଦାବି ଉଠିଛି।

● ଟ୍ରାଫିକ୍ ସମସ୍ୟାରେ ଗଡୁଛି ମୁଣ୍ଡ; ବଢୁଛି ଯନ୍ତ୍ରଣା

କୋରାପୁଟ ସହର ଦେଇ ଯାଇଛି ୨୬ ନମ୍ବର ଜାତୀୟ ରାଜପଥ। ସହରରେ ବର୍ଦ୍ଧିତ ଟ୍ରାଫିକ ସମସ୍ୟାକୁ ଦେଖି ୧୦ ବର୍ଷ ହେବ ଏକ ବାଇପାସ ରାସ୍ତାର ପରିକଳ୍ପନା ହୋଇଥିଲେ ମଧ୍ୟ ଏ ଯାଏ କାର୍ଯ୍ୟକାରୀ ହୋଇପାରିନାହିଁ। ତେଣୁ ଲୋକେ ସ୍ଥାନୀୟ ରାଜନେତା ଓ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଉଛନ୍ତି। କୋରାପୁଟବାସୀ ଦେଖିପାରିବେନି ଆଉ ବାଇପାସ। ଦିନକୁ ଦିନ ଟ୍ରାଫିକ ବଢୁଛି, ବଦଳୁଛନ୍ତି ନେତା ଓ ଅଧିକାରୀ। ଅନୁରୂପ ଭାବେ ବାଇପାସ ପ୍ରକଳ୍ପର ଭାଗ୍ୟ ମଧ୍ୟ ବଦଳି ଚାଲିଛି। ଆଜି ଯାଏଁ ରାସ୍ତା ନିର୍ମାଣ ପାଇଁ କାମ ଇଞ୍ଚେ ମଧ୍ୟ ଆଗେଇ ନ ଥିଲାବେଳେ ବିଗତ ଦିନରେ ଆସିଥିବା ଟଙ୍କା ଫେରିଯାଇଛି। ଜମି ଅଧିଗ୍ରହଣରେ ରେଳବାଇ କଣ୍ଟା ସାଜିଥିବାବେଳେ ରେଳମନ୍ତ୍ରୀଙ୍କ କୋରାପୁଟ ଗସ୍ତ ପରେ ସେ ସମସ୍ୟା ହଟିଥିଲା। ଜାତୀୟ ରାଜପଥ ବିଭାଗର ସୁନାବେଡ଼ା ଡିଭିଜନ ପକ୍ଷରୁ ଏକ ଜନ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ତିନିଟି ଡିଜାଇନ୍ ମଧ୍ୟରୁ ଗୋଟିଏ ଡିଜାଇନକୁ ଅନୁମୋଦନ ମିଳିଥିଲା। ଏହି ରାସ୍ତାର ଲମ୍ବ ୩.୮ କିମି ରହିଥିବାବେଳେ ଏହି ପ୍ରକଳ୍ପର ଅଟକଳ ପ୍ରାୟ ୭୫ କୋଟି ଆକଳନ କରାଯାଇଛି। କୋରାପୁଟ ସହର ଉପକଣ୍ଠସ୍ଥ ମାଛରା ନିକଟରୁ ଏହି ବାଇପାସ ରାସ୍ତା ଆରମ୍ଭ ହୋଇ ରେଳ ଷ୍ଟେସନ ଛକ ତଥା ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ରହିବ। ଏଥିପାଇଁ କୁମ୍ଭା, କନ୍ହେଇପୁଟ ଓ କୋରାପୁଟର କିଛି ଜମି ଅଧିଗ୍ରହଣ କରାଯିବ। ଏହି ଜମିଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ କରି କୋରାପୁଟ ତହସିଲ୍ ପକ୍ଷରୁ ଜାତୀୟ ରାଜପଥ ବିଭାଗକୁ ଅବଗତ କରାଯାଇଛି। ହେଲେ ଏହି ମୂଲ୍ୟକୁ ନେଇ ଏବେ ରାଜ୍ୟ ସରକାର ଓ ଜନପ୍ରତିନିଧି ତତ୍ପର ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଲୋକେ। ଯଥାଶୀଘ୍ର ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି ଉଠିଛି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟ ଆଗେଇ ନ ଥିବା ନେଇ ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ। ଅନ୍ୟପଟେ ଏନେଇ ଜିଲ୍ଲାପାଳ ଅବଦଲ ଏମ୍ ଅଖତର କହିଛନ୍ତି, ବାଇପାସ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ଥିବା ଜମି ଜବରଦଖଲ କରାଯିବ। ରେଳ ବିଭାଗ ଜାଗା ହସ୍ତାନ୍ତର କରି ସାରିଥିବାବେଳେ ଏଠାରେ ବର୍ତ୍ତମାନ ଘରୋଇ ଜାଗା ହିଁ ରହିଛି। ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗର ମୁଖ୍ୟ ଅନୁସାରେ କେନ୍ଦ୍ର ଜାତୀୟ ରାଜପଥ ବିଭାଗକୁ ତଥ୍ୟ ପ୍ରଦାନ କରାଯାଇଛି। ହେଲେ ଜମିର ମୂଲ୍ୟକୁ ନେଇ ମନ୍ତ୍ରାଳୟ ସହମତ ନୁହେଁ। ଏଥିପାଇଁ କୌଣସି ଅନୁଦାନ କିମ୍ବା ଅନୁମତି ମିଳୁନାହିଁ। ଫଳରେ ଏହି ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ ହୋଇପାରୁ ନାହିଁ। ଆଗକୁ ଭାରତମାଳା ପ୍ରକଳ୍ପ (ଛତିଶଗଡ଼ରୁ ଆନ୍ଧ୍ର ରାସ୍ତା) ଏବଂ ବିଜୁ ଏକ୍ସପ୍ରେସ (ଜୟପୁରରୁ ବ୍ରହ୍ମପୁର ରାସ୍ତା) କାର୍ଯ୍ୟକ୍ଷମ ହେଲେ କୋରାପୁଟ ସହରରେ ଟ୍ରାଫିକ ଯନ୍ତ୍ରଣା କମିବ। ତେବେ କେନ୍ଦ୍ର ଜାତୀୟ ରାଜପଥ ବିଭାଗର ମୂଲ୍ୟକୁ ନେଇ ଅସହମତି ସମ୍ପର୍କରେ ପୁନଃ ଏକ ରିପୋର୍ଟ ପ୍ରଦାନ କରାଯାଇଛି। ସହମତି ଆସିଲେ କାର୍ଯ୍ୟ ଆରମ୍ଭ ହୋଇ ପାରିବ। ଅନ୍ୟପଟେ କୋରାପୁଟ ସାଂସଦ ସପ୍ତଗିରି ଉଲାକା କହିଛନ୍ତି ଯେ ବିଭିନ୍ନ ସମୟରେ ଏହି ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ ପାଇଁ ଦାବି ଉଠାଇଛନ୍ତି। ଏଥର ଶେଷ ଅଧିବେଶନରେ ଏହି ପ୍ରସଙ୍ଗ ଉଠାଯାଇ ମନ୍ତ୍ରୀଙ୍କୁ ଅବଗତ କରାଯିବ।

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# 'ବନ୍ଦେ ଉତ୍କଳ ଜନନୀ'ର ସମୂହ ଗାନ







**କୋରାପୁଟ,୪।୨(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଉପଲକ୍ଷେ ଶନିବାର ପୂର୍ବାହ୍ନ ୧୧ଟା ସମୟରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ମହାବିଦ୍ୟାଳୟ କୋରାପୁଟରେ ଓଡ଼ିଆ ବିଭାଗ ତରଫରୁ ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ଜାତୀୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ସମୂହ ଗାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ ମହାବିଦ୍ୟାଳୟ ପରିସରରେ ଥିବା ଶ୍ରୀ ଦୟାନନ୍ଦ, ମହାତ୍ମା ଗାନ୍ଧୀ ଓ ସହିଦ୍ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷ, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ତାପରେ ସମସ୍ତ ଛାତ୍ରଛାତ୍ରୀ ସମ୍ମିଳନୀ କକ୍ଷରେ ଏକତ୍ରୀତ ହୋଇ 'ବନ୍ଦେ ଉତ୍କଳ ଜନନୀ' ସାମୂହିକ ଭାବେ ଗାନ କରିଥିଲେ। ଏହାପରେ ଜନତା ମଇଦାନ, ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦଘାଟନୀ ପର୍ବ ପରଦାରେ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମଟି ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ।

**ସୁନାବେଡ଼ା :** ବିଶ୍ୱ ଓଡ଼ିଆ ଭାଷା ସମିଳନୀ ଶୁଭ ଉଦଘାଟନର ସିଧାପ୍ରସାରଣ କାର୍ଯ୍ୟକ୍ରମ ମହାସମାରୋହ ସ୍ଥାନୀୟ ପୌର ପରିଷଦ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହକୁ ମୁଖ୍ୟ ଅତିଥି ଭାବେ ନଗରପାଳ ଡ. ରାଜେନ୍ଦ୍ର କୁମାର ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ, ଠିକ୍ ଦିନ ୧୧ଟା ସମୟରେ ଉପସ୍ଥିତ ଜନସାଧାରଣ ଏବଂ ଅତିଥିମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା। ଉପସ୍ଥିତ ଅତିଥିଙ୍କ ମଧ୍ୟରେ କୃଷ୍ଣ ସିଂ, ଡ. ଅଶୋକ କୁମାର ପାତ୍ର, ଡ. ଆଲୋକ ବରାଳ, ବଂଶୀଧର ମହାରଣା, ଓଡ଼ିଆ ଭାଷା ସାହିତ୍ୟ ଉପରେ ଗଭୀର ଆଲୋଚନା କରିଥିଲେ। ନଗରପାଳ ଡ. ପାତ୍ର ଓଡ଼ିଆ ଭାଷାର ଉନ୍ନତି ପାଇଁ ଆମେ ସମସ୍ତେ ଚେଷ୍ଟା କରିବାକୁ ଅନୁରୋଧ କରିଥିଲେ। ନିର୍ବାହୀ ଅଧିକାରୀ ନାରାୟଣ ନାୟକ ଏହି ଭାଷା ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉପନଗରପାଳ ରିତୁ କଣ୍ଟା ଓଡ଼ିଆ ଭାଷାରେ ବ୍ୟବସାୟ ପ୍ରତିଷ୍ଠାନରେ ନାମଫଳକ ଲେଖିବା ପାଇଁ ଅନୁରୋଧ କରିଥିଲେ। ବରିଷ୍ଠ ସାମ୍ବାଦିକ ମନୋଜ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଓଡ଼ିଆ ଭାଷା ସାହିତ୍ୟରେ ଅବଦାନ ପାଇଁ କୃଷ୍ଣ ସିଂ, ଡ. ଅଶୋକ ତ୍ରିପାଠୀ, ଡ. ଆଲୋକ ବରାଳ ଏବଂ ବଂଶୀଧର ମହାରଣାଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ପ୍ରଥମ ଓଡ଼ିଆ ଭାଷା ବିଶ୍ୱ ସମ୍ମିଳନୀ ରଥକୁ ପରିକ୍ରମା ପାଇଁ ଅତିଥିମାନଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ଏହି ପରିପେକ୍ଷୀରେ ଓଡ଼ିଆ ଭାଷା ଉପରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ପାରିଷଦ, କର୍ମଚାରୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଲକ୍ଷ୍ମୀଧର ମହାପାତ୍ର ପରିଚାଳନା କରିଥିଲେ।

**କୋଷାଗୁମୁଡ଼ା:** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅବସରରେ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ପ୍ରଶାସନ ପକ୍ଷରୁ ସମୂହ 'ବନ୍ଦେ ଉତ୍କଳ ଜନନୀ' ଗାୟନ ଏବଂ ଓଡ଼ିଆ କବିତା ପଠନ କାର୍ଯ୍ୟକ୍ରମ ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଅବସରରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସ୍ଥାନୀୟ ଉତ୍କଳ ସାହିତ୍ୟ ପରିଷଦର ସମ୍ପାଦକ ସହଦେବ ପରିଡ଼ାଙ୍କ ସମ୍ପାଦନା ମଣ୍ଡଳୀ, ଉପଦେଷ୍ଟା ମଣ୍ଡଳୀ




ଏବଂ ପରିଚାଳନା ମଣ୍ଡଳୀର ସମସ୍ତ ସଦସ୍ୟଙ୍କ ସହ ସ୍ଥାନୀୟ ବୁଦ୍ଧିଜୀବୀ, ଲେଖକ ଓ ଶିକ୍ଷକ ଉପସ୍ଥିତ ରହି ଓଡ଼ିଆ କବିତା ପଠନ, ଭାଷା ସଙ୍କଳନ ଉପରେ ନିଜ ନିଜର ଲେଖାକୁ ପଠନ କରିଥିବାବେଳେ ସ୍ଥାନୀୟ ଶ୍ରୀଶ୍ରୀ ବିଦ୍ୟାମନ୍ଦିରର ବିଦ୍ୟାର୍ଥୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବରେ ବ୍ଲକ୍ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ ଯୋଗଦେଇଥିବା ବେଳେ ସଭାପତି ଭାବେ ବ୍ଲକ୍ ମୁଖ୍ୟ କିରାଣି ବାଳକୃଷ୍ଣ ପାଣିଗ୍ରାହୀ, ଏଏଫଓ ଗିରିଜା ଶଙ୍କର ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟ ଲକ୍ଷ୍ମଣ ପୂଜାରୀ, ବିଇଓ ସୁବାସ ଚନ୍ଦ୍ର ରାୟ, ସେକ୍ସନ ଅଫିସର ଜୟ ପ୍ରକାଶ ଦିଶାରୀ, ଏଇ ଅମରେଶ ନାୟକ, ବିଆରସି କୀର୍ତିରଞ୍ଜନ ସାହୁ, ବରିଷ୍ଠ କିରାଣି ସୁରେନ୍ଦ୍ର ମୋହନ ଦାସ, ନିତେଶ ରଥ, ସ୍ୱରୂପା ନାୟକ, ଭି. ଅନନ୍ତ କୁମାର, ସିପି ଚିନ୍ମୟ ପଟ୍ଟନାୟକ, ସୌମ୍ୟରଞ୍ଜନ ନାୟକ, ସୁନୀଲ ପଟ୍ଟନାୟକ, ସତ୍ୟନାରାୟଣ ଚୌଧୁରୀ ପ୍ରମୁଖଙ୍କ ସହ ସ୍ଥାନୀୟ ଭଦ୍ରମଣ୍ଡଳୀ ତଥା ଅନ୍ୟ ପଦାଧିକାରୀ ଓ କର୍ମଚାରୀମାନେ ଏହି ସାମୂହିକ ଗାୟନରେ ସାମିଲ ହୋଇଥିଲେ। ପରିଶେଷରେ ସମସ୍ତ କବିତା, ଭାଷା ଜ୍ଞାନ, ନିଜସ୍ୱ ଓଡ଼ିଆ ଭାଷା ଲେଖା, ପଠନରେ ଭାଗ ନେଇଥିବା ସଦସ୍ୟଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

**ନନ୍ଦପୁର :** ୧୯୩୬ ମସିହାରେ ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଗଠନ ପରେ ପ୍ରଥମ ଥର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସମାରୋହ ଉତ୍ସବ ରାଜ୍ୟବ୍ୟାପୀ ପାଳନ କରାଯିବା କମ୍ କଥା ନୁହେଁ ବୋଲି କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକସ୍ତରୀୟ ଓଡ଼ିଆ ଭାଷା ସମ୍ମିଳନୀରେ ଯୋଗଦେଇଥିବା ସାହିତ୍ୟିକ, କବି, ନାଟ୍ୟକାର ଓ ପ୍ରଶାସନିକ ଅଧିକାରୀମାନେ ମତ ରଖିଛନ୍ତି। ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନନ୍ଦପୁର ଏସଡିପିଓ ସଞ୍ଜୟ କୁମାର ମହାପାତ୍ର, ତହସିଲଦାର ଅନାଦି ଚରଣ ସାହୁ, ନନ୍ଦପୁର ବ୍ଲକ୍ ସାଂସଦ ପ୍ରତିନିଧି ଗୋପାଳ ମାଟାମ ପ୍ରମୁଖ ଯୋଗଦେଇ ଭାଷାର ସୁରକ୍ଷା ଓଡ଼ିଶା ସମ୍ମାନ ବୋଲି କହିବା ସହ ନିଜ ଅଞ୍ଚଳର ଭାଷା ହିଁ ଆମ ଭବିଷ୍ୟତ ବୋଲି କହିଥିଲେ। ଏହି ଅବସରରେ ବ୍ଲକର ସାହିତ୍ୟିକ, କବି ବିଚିତ୍ରାନନ୍ଦ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ କିରଣ ପ୍ରକାଶ ପଣ୍ଡା, କମଳା ପାଲି, ନାଟ୍ୟକାର ଜୟରାମ ଭୋଇ, କର୍ଣ୍ଣ ପାଙ୍ଗି ଓ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମଧୁ ସେଠୀଙ୍କ ଦାୟାଦ ହରିଲାଲ ସେଠୀ, ଭଗବାନ ଖେମୁଣ୍ଡୁଙ୍କ ଦାୟାଦ ମଙ୍ଗରାଜ ଖେମୁଣ୍ଡୁ, ନକୁଳ ଖେମୁଣ୍ଡୁଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଏମବିକେ, ସିଆରପି ସ୍ୱୟଂ ସହାୟକ ଗୋଷ୍ଠୀମାନେ ଯୋଗ ଦେଇଥିବାବେଳେ ଜିପିଓ ବେଦାନ୍ତ କୁମାର ମାଝୀ, ମିଶନ ଶକ୍ତି ବିପିସି ଶ୍ରୀଧର ଜାନି, ଏଇଇ ଯଶକେତନ ବେହେରା, ସିପି ବିଷ୍ଣୁ ସ୍ୱାଇଁ, ଅର୍ଜୁନ ମାଝୀ, ଚିନ୍ମୟୀ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ନନ୍ଦପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ଦୁବାଇ ଭ୍ରମଣ କରି ଫେରିଥିବା ନନ୍ଦପୁର ବିଏଲଏଫ୍ ସଭାନେତ୍ରୀ ବି. ପୁଣ୍ୟାବତି ଓ ସମ୍ପାଦିକା ହେମଲତା ଖରାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

**ଡାବୁଗାଁ:** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ସିଧାପ୍ରସାରଣ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇ ଉଦବୋଧନ ଦେଇଥିଲେ। ପୂର୍ବାହ୍ନ ୧୧ଟା ସମୟରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରାଯାଇଥିଲା। ପରେ ଡାବୁଗାଁ ବ୍ଲକର କବୟିତ୍ରୀ ଓ କବିମାନେ ଯଥା- ଅଧ୍ୟାପକ ରମେଶ ଚନ୍ଦ୍ର ନାହାକ, ଅବସରପ୍ରାପ୍ତ ଶିକ୍ଷକ ଅଜୟ ବଲ୍ଲଭ ପଣ୍ଡା, ଶିକ୍ଷକ ସୁବ୍ରତ ମହାନ୍ତି, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ହୋତା, ଗିରିଶବାଳା ଜେନା, ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ ଏବଂ ସୁଷମା ପାଣିଗ୍ରାହୀ, ସୂରଥ ଚନ୍ଦ୍ର ଜେନା ପ୍ରମୁଖଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏଥିରେ ବ୍ଲକ୍ ଅଧ୍ୟକ୍ଷା ବୀଣା ମାଝି, ସାଂସଦ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଜିଲ୍ଲା ପରିଷଦ ସଭ୍ୟ ଧନ ସିଂ ଭତରା, ଗୁପ୍ତ ବିଶୋଇ, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ବ୍ଲକ୍ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା ଓ ଜନସାଧାରଣମାନେ ଉପସ୍ଥିତ ଥିଲେ।

**ନାରାୟଣପାଟଣା:** ନାରାୟଣପାଟଣା ବ୍ଲକ ପ୍ରଶାସନ ପକ୍ଷରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଡିଓ ପିଉସ ଲୋହରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାରାୟଣପାଟଣା ବ୍ଲକର ସମସ୍ତ ଅବସରପ୍ରାପ୍ତ ଶିକ୍ଷକ ବି. କୁମାର ସ୍ୱାମୀ ଗୁପ୍ତା, ପ୍ରତାପ ଚନ୍ଦ୍ର ରଥ, କୃଷ୍ଣ ଚନ୍ଦ୍ର ପାଢ଼ୀ, ଚନ୍ଦ୍ରଶେଖର ପୁରୁଶେଠୀ, କେ. ନାଗେଶ୍ୱର ରାଓ, କୈଳାଶ ପାଢ଼ୀ, ମିହିର କୁମାର ହିଆଲ, ଅବନୀ ମିଶ୍ରଙ୍କ ସହ ତ୍ରିନାଥ ତ୍ରିପାଠୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ତ୍ରିନାଥ ତ୍ରିପାଠୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଓଡ଼ିଆ ଭାଷାର ଅସ୍ମିତା ଦୂର ପ୍ରସାରୀ ହେଉ ବୋଲି ଅତିଥିମାନେ ମତ ରଖିଥିଲେ। ବିଡିଓ ପିଉସ ଲୋହାର୍ ସମସ୍ତ ଅତିଥିମାନଙ୍କୁ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନାରାୟଣପାଟଣା ବ୍ଲକରେ ଥିବା ୯ଟି ପଞ୍ଚାୟତ ଓ ସମସ୍ତ ସ୍କୁଲରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ନବରଙ୍ଗପୁର:** ନବରଙ୍ଗପୁରର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ପୌର ଅଧ୍ୟକ୍ଷ କୁନୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ପୌର ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷାର ପ୍ରଚାରପ୍ରସାର, ସଂରକ୍ଷଣ କରିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଲକ୍ଷ୍ୟ। ପ୍ରଥମେ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ପରେ ଅତିଥିମାନେ ପ୍ରଦ୍ୱୀପ ପ୍ରଜ୍ୱଳିତ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଓଡ଼ିଆ ଭାଷା ପ୍ରଚାରପ୍ରସାର ପାଇଁ ଏକ ସଚେତନତା ରଥକୁ ଅତିଥିମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ପଠନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପୁସ୍ତକ ଷ୍ଟଲ୍ ଖୋଲାଯାଇଥିଲା। ଏହି ଅବସରରେ ଜିଲ୍ଲାର ବିଶିଷ୍ଟ ଓଡ଼ିଆ ଭାଷାର କବି, ସାହିତ୍ୟିକ, ଲେଖକ, ଭାଷାବିତ୍ ରାମପ୍ରସାଦ ପାତ୍ର, ଗୋପବନ୍ଧୁ ବିଷୋୟୀ, ଜେମାମଣି ବିଷୋୟୀ, ନାରାୟଣ ପଣ୍ଡା, ରାଧାନାଥ ବେହେରା, ବିଜୟ ଚୌଧୁରୀ, ନିରଞ୍ଜନ ମିଶ୍ର, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ଡ. ବିଜୟ କୁମାର ମିଶ୍ର, ମନୋଜ ପଟ୍ଟନାୟକ, ଡ. ସାଇ ରମେଶ ରାଓ, ରବି ନାରାୟଣ ପାଣିଗ୍ରାହୀ, ଜଗନ୍ନାଥ ବେହେରାଙ୍କ ସହ ବହୁ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, କାଉନସିଲର ଏ. ସତୀଶ, ନଗେନ୍ଦ୍ର ପଟ୍ଟନାୟକ, ପି. କେଶବ ରାଓ, ରଞ୍ଜିତା ପଣ୍ଡା, ପୁନମ ସାହୁ ସମେତ ପୌର କାର୍ଯ୍ୟାଳୟ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜ୍ୟୋତି ପରିଚ୍ଛା ପରିଚାଳନା କରିଥିବାବେଳେ ରାମ ଶଙ୍କର ଦାସ ସହଯୋଗ କରିଥିଲେ।

**କୋରାପୁଟ:** କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଏବଂ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ପାଳନ କରିଛନ୍ତି। କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଏକାଠି ହୋଇ ସାମୂହିକ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ଭାଷାର ସୁଦୂର ପ୍ରଚାରପ୍ରସାର ପାଇଁ ସର୍ବଦା ଉଦ୍ୟମ ଜାରି ରଖିଛନ୍ତି ବୋଲି ଜିଲ୍ଲାପାଳ ଶ୍ରୀ ଭାସନ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଓ ରାଜେନ୍ଦ୍ର ମାଝୀ, ଉପଜିଲ୍ଲାପାଳ ବେଣୁଧର ଶବର, ଆଇଏଏସ୍ ପ୍ରୋବେସନାରୀ ସୌମ୍ୟ ରଞ୍ଜନ ପ୍ରଧାନ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖାର ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ କୋରାପୁଟ ପୌର ପରିଷଦରେ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିବା ସହ ଏହି ଅବସରରେ ଏକ ଅସ୍ମିତା ରଥର ଶୁଭାରମ୍ଭ କରାଯାଇଥିଲା। ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ସବୁଜ ପତାକା ଦେଖାଇ ଏହି ରଥକୁ ଶୁଭାରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ସବିତା ପଣ୍ଡାଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

**କୋଷାଗୁମୁଡ଼ା:** ନବରଙ୍ଗପୁର ଜିଲ୍ଲା କୋଷଗୁମୁଡ଼ା ବ୍ଲକ କୋଡ଼ିଙ୍ଗାର ବିଭିନ୍ନ ସ୍ଥାନରେ ପଞ୍ଚାୟତସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅଧ୍ୟକ୍ଷା ଅମିତା ରାୟଙ୍କ ନେତୃତ୍ୱରେ ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏଥିରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ସେହିପରି ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ମଧ୍ୟ ମହାସମାରୋହରେ ଏହି ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଅମିତା ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସଂସ୍କୃତ ଶିକ୍ଷକ ଭୋଲେଶ୍ୱର ପଣ୍ଡା ମୁଖ୍ୟବକ୍ତା, ଅଧ୍ୟାପକ ଦାମୋଦର ସାହୁ, ସମିତି ସଭ୍ୟ କେମରାଜ ଦିଶାରୀ, ନାଏବ ସରପଞ୍ଚ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସରପଞ୍ଚ ସେବକ ମାଝୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବାବେଳେ ଅଧ୍ୟାପକ ଅଖିଳ କୁମାର ଭଟ୍ଟ ମଞ୍ଚ ସଂଯୋଜନା କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଟିକିଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ଅଲେଖ ମାଝୀ, ଜିଆରଏସ୍ ମହମ୍ମଦ ଫରିଦ ଖାନ, ଈଶ୍ୱର ମାଝୀଙ୍କ ସହ କୋଡ଼ିଙ୍ଗା ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟସଭ୍ୟା ସହଯୋଗ କରିଥିଲେ।

**ତେନ୍ତୁଲିଖୁଣ୍ଟି:** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତିଠାରେ ପ୍ରଥମ ବିଶ୍ୱ ଓଡ଼ିଶା ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ତିନିଦିନ ଧରି ଏହି କାର୍ଯ୍ୟକ୍ରମ ବିଭିନ୍ନ ପଞ୍ଚାୟତସ୍ତରରେ ଅନୁଷ୍ଠିତ ହେବ। ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଟାକ୍ରି ନିଜ ମାତୃଭାଷାର ମହତ୍ୱ ବଖାଣିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ମହାନ୍ତି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ସାଙ୍ଗକୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସେହିପରି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝୀ ମାତୃଭାଷା ଓଡ଼ିଆ ଭାଷାକୁ ନେଇ ସୁନ୍ଦର ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ନିଳେନ୍ଦ୍ରୀ ନାୟକ ଉପସ୍ଥିତ ଥିଲେ। ସେହିପରି ତେନ୍ତୁଳିଖୁଣ୍ଟି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ବିନିତା ଜେଠି, ଗୀତା ରାଣୀ ଦାସ, ସୁଶୋଭିତା ମେରିଲିନ ଡୁରୁକ, ସୁବାସ ଚନ୍ଦ୍ର ବିଷୋଇ, ଲୋପିକାରାଣୀ ଶତପଥି, ସଞ୍ଜୀବ କୁମାର ସାହୁ, ହରେକୃଷ୍ଣ ବିଷୋଇ, ଗଗନବିହାରୀ ଗରଡ଼ା ଓ ପୂର୍ଣ୍ଣଚନ୍ଦ୍ର ହରିଜନ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି କୁନେଶ ବିଶ୍ୱାଳ, ତପସ୍ୱିନୀ କର୍କରାଙ୍କ ସମେତ ସମସ୍ତ ବ୍ଲକ୍ କର୍ମଚାରୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ।

## ● ରାଷ୍ଟ୍ର ଜାଗରଣ ଓ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

# ନବନିର୍ମିତ ଗାୟତ୍ରୀ ମନ୍ଦିରର ପ୍ରାଣ ପ୍ରତିଷ୍ଠା



**ଚନ୍ଦାହାଣ୍ଡି,୪।୨(ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ସଦରଠାରେ ରାଷ୍ଟ୍ର ଜାଗରଣ ଓ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସହ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପ୍ରତିନିଧି ତଥା ଶାନ୍ତିକୁଞ୍ଜ ହରିଦ୍ୱାର ସ୍ଥିତ ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ. ଚିନ୍ମୟ ପଣ୍ଡିୟାଙ୍କ ଦ୍ୱାରା ନବ ନିର୍ମିତ ଗାୟତ୍ରୀ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଶନିବାର ମହାସମାରୋହରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଓ ଝରୀଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝୀ ଯୋଗଦେଇ ମା' ଗାୟତ୍ରୀଙ୍କ କୃପାଲାଭ କରିଥିବାବେଳେ ଡ. ଶ୍ରୀପାଣ୍ଡିୟା ଉଭୟ ସାଂସଦ ଏବଂ ବିଧାୟକଙ୍କୁ ପରମପୂଜ୍ୟ ଗୁରୁଦେବଙ୍କ ସାହିତ୍ୟ ପୁସ୍ତକ ସହ ସମ୍ମାନିତ କରାଯାଇଥିଲା। ୫ ତାରିଖ ପର୍ଯ୍ୟନ୍ତ ଦୀକ୍ଷା, ବିବାହ, ନାମକରଣ, ବିବାହ, ମୁଣ୍ଡନ, ବିଦ୍ୟାରମ୍ଭ ସହ ବିଭିନ୍ନ ପ୍ରକାର ସଂସ୍କାର କରାଯିବା ନେଇ ସୂଚନା ରହିଛି। ଏହି ଯଜ୍ଞ କାର୍ଯ୍ୟକ୍ରମଟି ଶାନ୍ତିକୁଞ୍ଜ ହରିଦ୍ୱାରଙ୍କ ନିର୍ଦ୍ଦେଶ ପ୍ରକାରେ ଟୋଲୀ ନାୟକ ରାଜ କୁମାର ଭୃଗୁ ଏବଂ ସାଥି ବନୱାରୀଲାଲ ସେନ, ଖୁଦିରାମ କୋଶରିଆ, ହୁକୁମ ଚାନ୍ଦ ଜୀ, ପ୍ରଶାନ୍ତ କୁମାର ଯାଦବ ଏବଂ ଓଡ଼ିଶା ପ୍ରଦେଶ ଜୋନ ପ୍ରଭାରୀ ଶେଷଦେବ ବଡ଼େଇଙ୍କ ଦ୍ୱାରା ସମ୍ପାଦିତ ହେଉଛି। ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ଅଖିଳ ଗାୟତ୍ରୀ ପରିବାରର ସମସ୍ତ ସଦସ୍ୟ, କୋରାପୁଟ ଜୋନ ପ୍ରଭାରୀ ବାଲ୍ମିକୀ ପ୍ରଧାନ, ଉପେନ୍ଦ୍ର ନାଗ, ମଧୁକର ଦାଶ, ହୁସିଆର ବିଶି, କୈବଲ୍ୟ ମାଝୀ, ରଷୁ ବାଗ, ଘନଶ୍ୟାମ ଗୌଡ଼, ମଧୁ ନାୟକ, ମହେନ୍ଦ୍ର ନାୟକ, ସରୋଜ ଅଗସ୍ତି, ନୀଳକଣ୍ଠ ଦାଶ, ବିମଲ ଜୈନ, ପୌରସ ମାଝୀ, ଅଗର ମନହିରା, ଦୁର୍ଯ୍ୟୋଧନ ପୂଜାରୀ, ସନୀନ୍ଦ୍ର ସୋରି, ବଂଶୀ ଗୋପାଳ, ହରିଶ୍ଚନ୍ଦ୍ର ଗୋପାଳ, କମଳ ପୂଜାରୀ, ଚୈତୁରାମ ଦଣ୍ଡସେନାଙ୍କ ସମେତ ବାହାରୁ ଓ ଅଞ୍ଚଳର ସମସ୍ତ ଗାୟତ୍ରୀ ପରିଜନ, ବହୁ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ସମେତ ଚନ୍ଦାହାଣ୍ଡି ଗ୍ରାମବାସୀ ଓ ପାନାବେଡ଼ା ଅଞ୍ଚଳର ଜନସାଧାରଣ ସମସ୍ତେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦଶମ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**କୋରାପୁଟ,୪।୨(ସମିସ):** ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠରେ ଚଳିତ ବର୍ଷର ଦଶମ ଶ୍ରେଣୀ ପିଲାମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ରୂପେ ଅନୁଷ୍ଠାନର ଅଧ୍ୟକ୍ଷା ଅତସୀ ସାହୁ ପିଲାମାନଙ୍କୁ ଭଲ ପାଠପଢ଼ି ସୁନାଗରିକ ହେବା ପାଇଁ ଉଦବୋଧନ ଦେଇଥିଲେ। ଶିକ୍ଷକ ଚନ୍ଦ୍ରଶେଖର ପଣ୍ଡା ନିର୍ଭୁଲ ଭାବେ କିଭଳି ମନ ସ୍ଥିରକରି ପାଠ ପଢ଼ିବାକୁ ହୁଏ ତାହା ବୁଝାଇଥିଲେ। ଶିକ୍ଷୟିତ୍ରୀ ମେନକା ମହାପାତ୍ର ଓ ଉର୍ମିଳା ପାଣିଗ୍ରାହୀ ଜୀବନରେ କିଭଳି ଉଚ୍ଚ ସଂସ୍କାର ନେଇ ଦେଶର ମାନ ରଖିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ହେମନ୍ତ ଟଙ୍କ, ଭବାନୀ ମହାରଣା, ଅନନ୍ୟା ସରାଫ ଓ ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀମାନେ ବିଦାୟୀ ପିଲାମାନଙ୍କୁ ପୁଷ୍ପଗୁଚ୍ଛ ସହ ବିଭିନ୍ନ ପ୍ରାକରର ଚାରାଗଛ ଉପହାର ଦେଇଥିଲେ। ଶେଷରେ ନବମ ଶ୍ରେଣୀ ଛାତ୍ରୀ ସମ୍ପୂର୍ଣ୍ଣା ପଣ୍ଡା ଓ ସଞ୍ଜଲି ବେହେରା ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ରାମପ୍ରସାଦ ସରାଫ ପିଲାମାନଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ।

# ଡମ୍ବସରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଗୁଣୁପୁର,୪।୨(ସମିସ):** ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକର ଡମ୍ବସରା ସରକାରୀ (ଏସଏସଡି) ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ ଆନୁଷ୍ଠାନିକ ଭାବେ ସାଂସ୍କୃତିକ ସଂଗୀତ ଓ ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକ ଉତ୍ସବ ଆରମ୍ଭ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ ଜନତା ଦଳ ଉପସଭାପତି ବିଷ୍ଣୁ ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଝିଲି ଶବର, ଡମ୍ବସରା ସରପଞ୍ଚ ସନ୍ତୋଷୀ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭାଞ୍ଜଳି ପ୍ରଧାନ, ପ୍ରଦୀପ୍ତ କୁମାର ଦଳେଇ, ଗଙ୍ଗାଧର ବେହେରା, ରାମ ପଣ୍ଡା, ବାବା ପ୍ରସାଦ, ରମେଶ ଚନ୍ଦ୍ର ଲିମା, ସୁଶ୍ରୀ ରାଜେଶ୍ୱରୀ ଦଳେଇ, ଅଶ୍ୱିନୀ ଶବର ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ସେମ ଗମାଙ୍ଗ ପ୍ରମୁଖ କାର୍ଯ୍ୟକ୍ରମରେ ମଞ୍ଚାସିନ ଥିଲେ। ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ମନୋଜ ତୁଳ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛୋଟ ଛୋଟ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୌରାଣିକ କଥାବସ୍ତୁ ସହ ଆଧୁନିକ ଚାଲିଚଳନର ପାର୍ଥକ୍ୟ କିପରି ନୈତିକ ଓ ମାନବିକ ମୂଲ୍ୟବୋଧକୁ ପ୍ରଭାବିତ କରିଛି ତାହାକୁ ଅତି ସୁନ୍ଦର ଭାବରେ ଷ୍କିଲ୍ ମାଧ୍ୟମରେ ବିଦ୍ୟାଳୟର ଛାତ୍ରୀମାନେ ପରିବେଷଣ କରିଥିଲେ। ଶିକ୍ଷକ ସୁନିଲ କୁମାର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାଦେଇପୁଟରେ ବୁଥ୍ କମିଟି ବୈଠକ

**କୋରାପୁଟ,୪।୨(ସମିସ)**

କୋରାପୁଟ ବ୍ଲକ୍ ମହାଦେଇପୁଟ ପଞ୍ଚାୟତ ସଦର ମହକୁମା ଆମ୍ବତୋଟାରେ ବିଜୁ ଜନତା ଦଳର ବୁଥ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ୍ ସଭାପତି ମଣ୍ଟୁ ବେନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ତୃଣମୂଳସ୍ତରରେ ଦଳୀୟ ସଂଗଠନ ମଜଭୂତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମସ୍ତ ଜନ କଲ୍ୟାଣକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଦଳୀୟ କର୍ମୀମାନଙ୍କୁ



ପରାମର୍ଶ ଦେଇଥିଲେ। ଏହି ଅବସରରେ ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ରାଜ୍ୟ ସମ୍ପାଦିକା ତୁଳସୀ କିର୍ଷାନୀ, ଜିଲ୍ଲା ଉପ ସଭାପତି ଉତ୍କଳ ରଞ୍ଜନ ନାୟକ, ପର୍ଯ୍ୟବେକ୍ଷକ ରୋମା ରାଉଳ, ଯୁବ ସଭାପତି ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ରଘୁ ଜାନି, ବିଜେଡି ନେତା ତ୍ରିନାଥ ପାତିକା, ନାର୍ସୁଲ କାମୁଡ଼ି, ତ୍ରିପୁରାରୀ ଗରଡ଼ା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପ୍ରକାରେ ପ୍ରତ୍ୟେକ କର୍ମୀ ଓ ନେତା ଲୋକଙ୍କ ନିକଟକୁ ଯାଇ ପରିବାର ସମ୍ପର୍କ ଅଭିଯାନ ଆରମ୍ଭ କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ ମହାଦେଇପୁଟ ପଞ୍ଚାୟତର ଶତାଧିକ କର୍ମୀ ଯୋଗଦେଇଥିବା ବେଳେ ଅନ୍ୟ ଦଳର କିଛି କର୍ମୀ ବିଜୁ ଜନତା ଦଳରେ ଯୋଗଦେଇଥିଲେ।

